Third, what impact will the construction of these facilities have on the local population? It is well recognized that large tracts of fertile farm land will be removed from agriculture for these construction projects. Literally, tens of thousands of families will be removed from their farms and homes. Given the experiences we have from the past years as to rehabilitation of such displaced population, the poor farmers will end up as destitutes in the urban areas, uprooted from the relative security of their villages and acquaintances. With limited skills, they will be the pavement dwellers and menial job seekers in unfamiliar places. The sheer dimension of this probled itself is mind boggling. This is something the local people realize and they have been struggling to keep their land. What we have heard in the news reports about their struggles often is presented as if these people are instigated by the opposition to destabilize the ruling party. In reality, it is the opposition parties that want to use these genuine struggles of the people to make selfish political gains while being no different from the ruling party in their attitude to the plight of the have-nots of our society. In fact, the aims of the ruling or opposition parties could not be very different since the contractors and others who will benefit from these projects are behind both these groupings. Genuine interests of the people are an after- thought for them at best.

Fourth, what impact generally do such bases have on the local population after they have been put in place? From the past experiences, it can be seen that these bases will create no real value but will be net consumers of products in the area. As it is, there is scarcity of essential goods for the local population. By diverting the products to these bases, such scarcity will only aggravate. New production in the local area will spring up to make maximum profit by catering to the needs of the local base. Military bases are notorious for many illegal and immoral activities worldwide, more so in naval bases that the foreign vessels call upon. In the name of security, often the rights of the people living around the bases are curtailed - strikes by teachers for examples can be considered a national threat because it may interfere with the functioning of the base. Few of such consequences are pleasant to make people enthusiastic about these bases.

Lastly, recent years have witnessed a deterioration in the social, economic, political and moral life of India where widespread violence against innocent civilians has escalated. More and more families have been uprooted from the drought stricken villages of Orissa and have enslaved themselves for a living. Migration of Oriya laborers to far away places has brought dislocation to many families and cruel exploitation of these laborers who can not speak another language and are unfamiliar with the places of work. We all witness or feel bits and pieces of these unfoldings. Our hearts and minds tell us that we should help out in which ever way we can to bring prosperity to this land that gave us our life, values and spirituality. In the absence of possibilities to fully express our true feelings, we often end up supporting acts and policies that are often fraudulent and damaging. A broader discussion of these and other issues will certainly enhance our ability to play a just and proper role in this regard. As per the military facilities in Orissa, examined from the above perspective, desirability of their construction is very suspect.

# Evolution of Temple Architecture in Orissa

*Govind Chandra Senapati*

*"Mother India is not a piece of earth, she is a power, a Godhead" Shri Aurobindo.*

Temples and monuments are the heritage of India. They were medium of visual education for the entire mass of people particularly in the ancient and medieval India when there was no other means of communication. They were centres for learning and culture and for elevating the spirit of man. They taught the very art of living.

In the history of temple architecture of India, Orissa occupies a unique place for richness of sculpture and for establishing a distinct school of architecture called Kalinga School as distinguished from the Nagar and Dravidian schools of temples architecture of the North and the South respectively. The great art critic Ferguson observed that there were more temples in Orissa from 7th to 13th century A.D. than in the rest of India. There were nearly ten thousand temples in Bhubaneswar itself bearing the impact all religious movements that passed over India from 3rd century B.C. to 13th century A.D..

Recently Konarka temple has been given the place of known in the world's art heritage by UNESCO which represents the efflorescence and final culmination of the art of Orissa sculpture. It is here that the language of man has been defeated by the language of stone. But Orissan temple architecture could reach this lofty height only after nearly 1500 years of evolution from Dhouli Hill to Konarka: (a) The magnificent unfinished head of an elephant (Symbol of Buddhism) carved out of a hillock after the Kalinga war (261 B.C.) by Emperor Asoka who put up an edict on Dhouli Hill to convey his message of peace, love and nonviolence to the people of Kalinga; (b) a series of sculptures narrating the military expedition of *Mahameghabahan* Emperor Kharavela; (c) a scene of dance and concert being witnessed by Kharabela and his two queens and others in the *Ranigumpha* of Khandagiri (1st century B.C.); (d) a pannel in Ranigumpha depicting a thrilling episode of the abduction of a lady and her subsequent rescue by the king in the forest resulting in her union with the king; (e) decorative motifs, depiction of feminine beauty with ornaments, defferent hairstyles shown in the Ranigumpha; (f) devotional Buddhistic architecture of the 6th century A.D. at Ratnagiri, Lalitgiri and Udaygiri; (g) tantric temples of Haripara depicting by *yoginis* and Ranipur Jharial near Titilagarh depicting the same with *Bhairav* in the centre; (h) Vaital temple (Tantric, 775 A.D.) at Bhubaneswar; (i) Mukteswar temple with a stylised arch at Bhubaneswar; (j) Rajgiri temple depicting different poses and postures of Oriya dance with the finest of sculptures (9th century A.D.); (k) Lingaraja temple (180 feet high) dominating the landscape with a highly ornamental style of sculpture (11th century A.D.); (l) Jagannath temple (215 feet high) of Puri (12 century A.D.); and finally the Konarka temple (225 feet high) of 13th century A.D. "the grandest achievement of the Kalinga School of architecture - great even in ruins" shows different stages of evolution of the Kalinga School during the Bhaumakara, Suryavansi and Ganga kings who ruled from 6th to 15th century A.D..

The texts *Bhubana Pradipa* and *Silpa pothi* on temple architecture were written on palm leaves by Rama and Nilakantha Maharana. The books give details about different types of Orissan temples such as (a) *Rekha* (b) *Pidha* (c)

*Khakra* variety. The groundplan of Rekha and Pidha temples are square while that of Khakra is rectangular. Their body can be divided into four parts (a) pedestal (b) the wall (c) main body and (d) crown. There are points of difference between Rekha and Pidha temple. In Rekha temple, the *Vimana* or *Shikhara* rises from above *gandi* or body. In the Pidha temple, the body is composed of number of horizontal platforms piled up in the form of a pyramid. Lingaraja is the example of Rekha temple and Konarka is the example of a Pidha temple and Baital temple is the example of a Khakra temple. The dominant form of temple architecture in Orissa is Rekha.

Orissan temple architecture is different from Dravidian and Nagara style of architecture of South and North India. Though Lingaraja and the Khajuraho temple of Bundelkhand (M.P.) are contemporary, they are different in architecture. Khajuraho temples stand on a higher platform and are supported by higher basement which do not exist in Lingaraja temple. Of course, the Sikhara is common in Orissan and Nagara style. In Dravidian style of architecture as in the Minakshi temple in Madurai, the *Gopuram* is more important, taller and more decorative than the main temple.

The Ganga kings who built Jagannath, Konarka and Ananta Basudeva temples, were great builders. They added these chambers to all temples, namely Jagamohana (audience hall), Natamandira (Dance hall) and Bhog mandap (Hall of offering Bhog). These structures strengthened main central structure as in Jagannath and Konarka temple. In Lingaraja temple, Natamandira and Bhogamandap were added during Ganga period.

In Konarka the main temple which collapsed was a Rekha temple and was a marvel of temple architecture. Now only the Jagamohan and Natamandir exist. When Sterling Ferguson visited Konarka in 1837, some part of main temple upto a height of 100 feet existed. The main temple had a estimated height of 225ft. The present Jagamohan is 120ft. The text *Madalapanji* refers to Konarka temple. It was built after the successful invasion of Bengal by king Narasinghadev in 1243 A.D.. The war horse of Konark has been adapted as the symbol of the prsent Orissa State. The dismounted warrior standing near the horse is King Narasinghadev himself and the enemy lying is Tuglau Khan, Governer of Bengal. The sculpture has depicted fire and passion in the war horse at Konarka, which according to the art critic Havell, would be the pride of any great museum in the world.

Thus there is a continuous development of Orissan temple architecture from 3rd century B.C. to 13th century A.D.. The rock edicts of Ashoka and the Hatigumpha inscriptions were deciphered for the first time by James Princep of Asiatic Society in 1871. The texts filled up the missing link in the history of ancient Kalinga. The temple architecture and sculputure in Orissa are the epitomes of beauty, serenity and religious fervour representing eternal India.

*Govind Chandra Senapati is a former Director General of Police, and Rotary Governor for Orissa and Madhya Pradesh.*

# Classical Music of India

*Sabita Panigrahi*

"Indian music", says the musicologist Lother Lutze, "is not presented as something readymade. Beginning with the tuning of the instruments , the work of art unfolds before the listener; he is made witness to a creative process. Indian music, one might put it, grows; and it is enjoyable at any stage of its growth; European music is built like a house into which one does not move before it has received its finishing touches; Indian music is by nature evergreen and fertile, its Western counterpart is architectonic."

Indian music encompasses some of the richest, most remarkable musical tradition of the world. Its history begins in the second millennium BC with the advent of the Vedic hymns period. The **Rig Veda**, one of the sacred four Vedas ("four books of knowledge") comprises the world's oldest continuous vocal tradition. The later collection of **Sama Veda** hymns, though using many Rig Veda texts, is by contrast, quite wider-ranged, melismatic and generally unconcerned with word accent. The two basic approaches to the performance of these two collections of hymns stand as supporting pillars for any entrance into the world of Indian music. The keystone of this entranceway is the **Natya Sastra**, a book by the sage Bharata. All the Indian musical studies that followed began with interpretation of the musical sections of the Natya Sastra. One of the most important restatements of this musical theory is the thirteenth century **Samgita Ratnakara** done by **Saranga Deva**. Indian music is orally transmitted from one generation to the next and thus became traditional. Islamic influences were felt in India as the result of the invasions from the northwest. Owing to the geographical position, the northerner has been more directly affected by foreign elements than his dravidian brother of the South. This intrusion undoubtedly brought about the division of Indian music into northern (**Hindustani**) and southern (**Carnatic**) systems, a separation that has continued to the present day. Yet the same spirituality underlies the finest and best in both music.

Since the musical literature was in Sanskrit language, it was not accessible to the general people. Vishnu Narayan Bhatkhande, one of the leading musicologists of this century, contributed a great deal towards diminishing the gap. Being both a scholar and a performer, he devoted much effort to collecting and notating representative versions of a number of ragas from musicians belonging to different family traditions or *gharanas*. Vishnu Digambar Poluskar, a contemporary of Bhatkhande, took music to the masses with a missionary zeal and removed the social stigma attached to it.

The concept of musical sound in Indian music is known as *Nada*. When one moves from one such sound to the next, an interval is formed. The smallest interval perceptible to the ear is called a *sruti*. The important point to remember is that when Indian theory speaks of srutis to the octave, these are not equivalent intervals as are found in the theoretical 12 tempered half steps of the Western chromatic scale. Two to four srutis are combined into a musical interval, a *svara*, like sruti, has the implication of both a tone and an interval, since it takes seven svaras to arrive at *saptaka*, a completed octave. There are special names for the seven svaras - Sadaj, Rishav, Gandhara, Madhyama, Panchama, Dhaivata, Nishada. Normally only the first syllable of each name is used. Thus the svaras *sa*, *re*, *ga*, *ma*, *pa*, *dha*, *ni*

like the Western *do, re, mi, fa, sol, la, si* - have become basic terms for singing music. These seven svaras are associated with the cries of animals and birds. The natural form of notes is known as *prakrita* or *suddha,* and the chromatics are called *vikrita.* The latter may be *tivra,* sharp or *komal,* flat.

Indian classical music is based on the concepts of *raga* and *tala.* The term raga is defined as a scalar melody form and the term tala as the time measurement or rhythmic pattern. The more intimate character of this music is the basic texture of which usually involves a quite small group of performers: one player to provide rhythm on a drum such as the double-headed, pitched *tabla* or the cylindrical bared drum, called *mridanga;* one to provide a basic drone, often on the lute-like tamboura (*tanpura*); and a central performer (a vocalist or an instrumentalist). Some commonly heard main melody instruments are *vina, nagasvaram, sarangi, surbahar, sarod,* flute, violin and *santoor.*

Ragas correspond to the Arabian-Persian *magam,* Jewish *nigun* and Greek *nomos,* Ragas can be heptatonic, hexatonic or pentatonic. Each raga expresses a certain emotion. It can be courageous, amorous, melancholy, cheerful or ecstatic. Beyond this, it is linked with a certain time of day and season of the year. For example, raga *Bhairav* is associated with *pratahkala* or dawn and is of a reverent and quiet nature. This raga is the foundation of many folk songs and melodies sung by the peasants when at work. Each raga can be represented pictorially. Ragas do not reside in mansions made from a plethora of blueprints. Rather, they are like magic mantras or like seeds that sprout in the minds of musicians. Within the limits of a raga, the musician improvises his melody. He must know not only the svaras but also the *arohi* and *avrohi* or ascending and descending structure of raga and the order in which these are to be used in connected with the *pakar* or *mukhyaanga,* the characteristic phrase; he must also know *vadi, samvadi,* notes which may coincide with the notes of the drone. In Hindustani music, large number of ragas with similar structures are organised into groups called *thatas* or *melas.* In Carnatic music, the most important theoretical devices for the classification of ragas are called *melakartas.*

Just as the system of classifying raga is organised, so too is the system of classifying tala. When a musician is playing, his hands are busy, but if you watch his knee or foot you will see, not the steady tapping of the western musician's feet, but the assymetrically spaced divisions of the various rhythmic groups within the tala. Each tala consists of a characteristic rhythmic cycle (*vibhaga*) into smaller rhythmic groups(*anga*). Each tala is named and classified. For example, *Adi tala* which has a rhythmic cycle of eight beats is divided into 3 rhythmic groups of 4 beats, 2 beats and 2 beats. A further distinguished feature found only in North Indian talas is the emphasis placed on the characteristic drum pattern of each tala, called *theka.* Two talas might have the same duration and subdivisions but might, nevertheless, be differentiated from each other by different characteristic drum patterns. Time may be slow, moderate and quick, *Vilamba, Madhyama* and *Drita.*

The concert usually opens with a prelude, the *alapa* or *alapana.* Here only the soloist and the drone instrument are heard; the drum is silent and rhythm is free. The purpose of the alapa is to explore the essential features of the raga and to establish the appropriate mood. Alap is then followed by various sections of the melodies known as *astai, antara, sanchari* and *abhoga* in north and *pallavi, anupallavi* and *charanam* in south. The pallavi or astai contains the main subject and usually possess a well-defined rhythm. In the anupallavi or antara, the second subject is introduced. Phrases from both sections are employed in

the charanam or sanchari. The abhoga ends with a return to the original material or a final fanciful variation on it. While performing all these sections of the melodies, the musician uses all the resources of imagination and technical skill at his command and his virtuosity is judged by his ability to introduce fresh and interesting musical patterns still remaining within the bounds of the raga. The essence of music, however, lies in the drone-based, raga-tala-oriented improvisations found in vocal and instrumental concert music.

The most common vocal form in Hindustani music at the present time is the *khyal*. There are two types of khyal. The first is sung in extremely slow tempo, called *vilambit khyal*. The second type is faster and its composed portion is usually short. Occasionally, a composition called *tarana* made up of meaningless syllables, may replace the first tempo khyal. *Thumri* is another vocal form and is based on the romantic-devotional literature. *Dhrupad* and *Dhamar* are some other vocal forms. There are some purely instrumental compositions called *gat* and *dhun*. Like the khyal, the gat can be in slow or in fast tempo. In Carnatic music all composed pieces are primarilly for voice and have lyrics. Much of the repertoire of compositions stems from three composers, Tyagaraja, Shyama Sastri and Muthuswami Dikshital. The devotional songs that they composed, called *kriti*, are a delicate blend of text, melody and rhythm and are the most popular items of a South Indian concert. The longest item, called *ragam - tanam - pallavi*, is mostly improvised.

The good classical music can never be boring or dry (as some people hold it to be). It is those svaras which move and inspire the artiste himself that pierce the hearts of the public. However, the listeners have also an important role. They must have some foreknowledge in order to appreciate the art of performance and the performer's ability to create music within the given bounds.

Now the Indian classical music has come out of *Durbar* and temples. It is appreciated not only by the Indians but also by the foreigners. It is no longer the preserve of the small core made up of the elite; more people are listening to this music than ever before; the handmaidens of mass communication have spread in ways undreamed of before. Since the mid 1950s, Indian music has been performed fairly regularly in the West and gradually an increasing number of Westerners have been attending the concerts. Several musicians such as Ravi Sankar, Ali Akbar Khan, Vilayat Khan, Imrat Khan and Nikhil Banerjee made it popular in the international level. Indian music has not yet had any significant influence on Western music. However, one can hear Indo-western music based on Indian ragas composed by Ravi Sankar and Zubin Mehta. It is perhaps too early to assess the full impact of this period.

*Sabita Panigrahi is a graduate student in Computer Science at the University of Western Ontario, London, Canada.*

# ଭିକ୍ଷା

କଳ୍ପନା ମୟୀ ଦାଶ

ହେ ପ୍ରଭୁ !  ପାଆନ୍ତି ଯଦି କେବେ ମୁଁ ତୁମର ଦେଖା
ଚରଣେ ପଡାଇ ଶିର ମାଗନ୍ତି ଗୋଟିଏ ଭିକ୍ଷା ।

ଅୟୁଶ ଆୟୁଷ ଅବା ଯଶ କି ପୌରୁଷ ନୁହଁ
ଜୀବନ ଦେଇଛ ଭରି କି ଲୋଡ଼ା ତହିଁରେ କୁହ ।
ପାଷାଣୀ ପଥର ଧାରେ ଲୋଢୁନି ଚରଣ ଧୂଳି
ଶୀଳାରୁ ଛଇଳା ହୋଇ ମୁକତି ଲଭିବି ବୋଲି ।

ନିବିଡ଼ ପରଶେ ତୁମ କମିବ ଏ ବୁକୁ ଡାଡି
ତାହା ବି ଖୋଜୁନି ଦେବ ! ଦିନ ତ ଯାଉଛି ବିତି ।
ଆଖିରୁ ତତଲା ଲୁହ ଅନେକ ଯାଇଛି ବହି
ଧଇର୍ଯ ଦେଇଛ ବହୁ ସେଥିକି ଶୋଚନା ନାହିଁ ।

ଅଡୁଆ ସୂତାରୁ ଖୋଜି ପାଇଛି ହଜିଲା ଖିଅ,
ଅସଜ ସଂସାରେ ଖାଲି ତୁମେଇ ଏକ ସହାୟ ।
ସଜାଡ଼ି କଅଁଳ ହାତେ ଉଜୁଡ଼ା ସଂସାର କାର
ପଣତ କାନିରେ ପୋଛି ଭିଜିଲା ପତାର ଧାର ।

ଯେଉଁଠି ଯେପରି ଯାହା ତୁମରି ନିରିଦେଶରେ
କରିଛି, କରମ ଫଳ ଲଭିଛି ଅବଶେଷରେ ।
ଭାବୁଛି -  ନୀରବେ ଖାଲି - ଏତିକି ମାତର ମୁହିଁ
ଏ ଘୋର ବିପତ୍ତି ବେଳେ ପ୍ରଭୁହେ ! ଗଲକି ଶୋଇ ?

ଅନନ୍ତ ଶୟନ ବେଳେ ଧରଣୀ କାନ୍ଦିଲା ଯେବେ,
ଦଇତ ଦଳନ ଲାଗି ଜନମ ଲଭିଲ ତେବେ ।
ତୁମେ ତ ସେଇ ଠାକୁର କି ଲାଗି ପାରୁନା ଜାଣି,
ନିର୍ମାଖି ବସୁଧା କେତେ ଢାଳୁଛି ଆଖିରୁ ପାଣି ।

ରକତ ଗାଜରା ତାର ଗାଭାରେ ଖେଳୁଛି ହୋଲି,
ସାଜିଛି ଅଭିସାରିକା ମୋହନ ବଇଁଶୀ ଭାଳି ।
ଖୋଜୁଛି କାହାନ୍ତି ସତେ ପରମ ପୁରୁଷ ତାର
ଦେବେ ସେ ମୁକତି ଗତି ଶୁଖିବ ଲୁହର ଧାର ।

ଚାଲିଛି ବୁକୁରେ ତାର ତାଣ୍ଡବ ନିଇତି ନିତି
ପ୍ରଳୟ ପୟୋଧି ଜଳେ ସତେକି ବୁଡ଼ିଲା କ୍ଷିତି ।
ପରର ସମ୍ପତ୍ତି ଆଉ ଅବଳା ରମଣୀ ହରି
ସୁରା ଓ ସାକୀରେ ଦିନ କାହାର ଯାଉଚି ସରି ।

କେଉଁଠି ନୀରିହ ଶିଶୁ ହେଲେଣି ହରଣଚାଲ
ଅଦିନେ ରାଜ ପଥରେ କାହାର ପୁରୁଛି କାଳ ।
ଅଚିହ୍ନା ଅଜଣା ରୋଗ ଜୀବନ ନେଉଛି ଯେତେ,
ଆପଣା ଭିତରେ ବାଦ ବିବାଦ ବଢୁଛି ସେତେ ।

କାହିଁ ବା ଗହନ ନିଦେ ସପନ ଦେଖୁଛି କିଏ
ଦଇବ ସାଧୁଛି ଦାଉ ନିଦରୁ ଉଠିନି ସିଏ ।
ଭୋପାଳ ବିଷାକ୍ତ ବାୟୁ - ମାଉଣ୍ଟ ସେଣ୍ଟ ହେଲେନ୍
ଏମିତି ଆହୁରି କେତେ ମୂଲକ ହେଲାଣି ଶୂନ୍ୟ ।

ଲାଗିଛି ମହାଭାରତ ଚହଲ ପଡ଼ିଛି ବିଶ୍ୱେ,
ଆକାଶୁଁ ସାଗର ଯାଏ ମରଣ ସବୁଠି ହସେ ।
ଏ ଭାର ମେଦିନୀ ସହେ, ଆଉ ବା ସହିବ କେତେ
ମରମ ଦହୁଛି ତାର ତୁମକୁ ନ ବାଧେ ସତେ ?

ନିଧନ ହୋଇବେ ମ୍ଳେଚ୍ଛ କ୍ଷଣକେ ଚାହିଁଲେ ତୁମେ
କି ଲୋଡ଼ା କଷଣ ଦେଇ ନୀରିହ ନିର୍ଦ୍ଦୋଷ ଜନେ ?
କରି ତ କରାଅ ତୁମେ - ତୋ ବିନା ଆଉ କେ ନାହିଁ
ଶ୍ରୀମୁଖେ କହିଛ ପରା - ଏହାକି ଅନ୍ୟଥା ହୋଇ ?

ପଶୁଛି ଶରଣ ପ୍ରଭୁ !  ଏ ସାରା ସଂସାର ପାଇଁ
ଅଶାନ୍ତି ଅନଳ ତୁମେ ଧରାରୁ ଦିଅ ଲିଭାଇ ।
ଦୟାର ସାଗର ବୋଲି ମନେ ମୋ ବହୁତ ଟାଣ
ନିଇତି ଧିଆନ କରେ ହେ ପ୍ରଭୁ ଆରତ ତ୍ରାଣ !

ଟଳିବ ଆସନ ଦିନେ ଛାଡ଼ିବ ବଡ଼ ଦେଉଳ,
ଭକତ ଛଳରେ ଉଭା ହୋଇବ କୁଟୀରେ ମୋର ।
ଚତୁର୍ଦ୍ଧା ମୂରତୀ ଦେଖି ସଫଳ ନୟନ ବେନି
ଯାଚିତା ଅନେକ ବର ଦେବ ହେ ମୁରଲୀପାଣି ।

କଲ୍କୀ ରୂପରେ ତୁମେ ବିଜେ କି କରିଛ କାହିଁ ?
ଶାଣିତ ଖଡ୍ଗ ଧରି ମ୍ଳେଚ୍ଛ ନିଧାନ ପାଇଁ ?
ଧରମ ସମରୁଁ ତେବେ ବଳକା ରହିଛି ରଣ !
ସାରିବ ଏଥର ତାହା - ସତେ କି କରିଛ ପଣ !

ତୁମେ ତ ଅନ୍ତରଯାମୀ ଅଜଣା ତୁମକୁ କିବା ?
ଜାଣତ ଅନ୍ତର ମମ କି ଖୋଜେ ରଜନୀ ଦିବା ।
ପ୍ରଦୀପ ଯାଉଛି ଲିଭି ଦିଅଗୋ ତଇଳ ଢାଳି
ଶାନ୍ତି - ସଳିତା ପ୍ରଭୁ !  ଉଠୁ ହେ ସବୁଠି ଜଳି ।

ଚରଣ କମଳେ ତବ ଏତିକି ମାତର ଭିକ୍ଷା,
ଆତ୍ମା ଶୀତଳ ହେଉ ଦିଅଗୋ ଦିଅଗୋ ଦେଖା ।
ବିଶ୍ୱ ବିଧାତା ତୁମେ ଦେଲଣି ଅନେକ ଶିକ୍ଷା
ଏଇଠି ସମାପ୍ତ କର ତୁମର ମହା ପରୀକ୍ଷା ।


*With Best Compliments from*

**ORIEN ENGINEERS PVT. LTD.** Orien

Lathikata, ROURKELA-770037, Orissa, India
TEL : 3160, 5212, TELEX : 0635-222 - OILIN, CABLE : ORIENWORKS.

*K. P. Jhunjhunwala* *Ravin Jhunjhunwala*

*ORIEN—Marching ahead with technologies from USA., W. GERMANY, JAPAN & SPAIN*

CALCUTTA Office: 53B, Mirza Ghalib Street, Calcutta-700016. TEL.: 29 7486, 29 9417. TELEX: 021 - 2076 ORININ
DELHI Office: 2322, Laxmi Narain Street, Paharganj, New Delhi-110055. TEL.: 52 6814, 77 9532. TELEX: 031 - 2149 OILIN
BOMBAY Office: 916, Maker Chambers V, Nariman Point, Bombay-400021. TEL.: 23 5385, 23 1996. TELEX: 011-6289 OREXIN

# ଜନ୍ମ ଭୂମିର ମନ କଥା

ପ୍ରମିଳା ମହାପାତ୍ର

ଦୂର ଦେଶେ ଅଛ ଯେତେ
ବନ୍ଧୁ ପରିଜନ,
ଶୁଣି ମୁହିଁ ହୃଷ୍ଟ ହୁଏ
ତୁମରି ସୁଗୁଣ ।
( ୧ )

ସର୍ବଦା ଚଞ୍ଚଳ ହୋଇ
ତୁମେ କର୍ମମୁଖୀ,
ପର ଦେଶେ ରଖିଅଛ
ତୁମ ଦେଶ ଟେକ ।
( ୨ )

ସେ ବିରାଟ ମହାଦେଶେ
କେ କାହାକୁ ଜାଣେ,
ସହସ୍ରଙ୍କ ମଧ୍ୟେ ଗଣା
ତୁମେ ଜଣେ ଜଣେ ।
( ୩ )

ଏହାଠାରୁ ବଳି ଆଉ
କି ଭାଗ୍ୟ ଆମର ,
ସବୁଠାରେ ସାହା ଆମ
କାଳିଆ ଠାକୁର ।
( ୪ )

ଧନୀ ମାନୀ ଜ୍ଞାନୀ ହୋଇ
ହୁଅ ମହୀୟାନ,
ଶୁଣାଅ ସେ ଠାବେ ଆମ
ଶାନ୍ତି ମୈତ୍ରୀ ଗାନ ।
( ୫ )

ଜଳେ ପଦ୍ମ ପତ୍ର ସମ
ହୋଇ ଟଳଟଳ,
ଭୁଲ ନାହିଁ କେବେ ହେଲେ
ତୁମ ମାତୃ କୋଳ ।
( ୬ )

ଆନନ୍ଦରେ ଫେରି ଆସ
ସର୍ବେ ସ୍ୱଗୃହକୁ,
ଜନ୍ମଭୂମି ମାଆ ଦେଖୁ
ଉନ୍ନତ ମୁଖକୁ ।
( ୭ )

ପୁରି ଉଠୁ କୋଳ ତାର
ସୁଯୋଗ୍ୟ ସନ୍ତାନେ,
ତୁମେ କି ନ ଜାଣ ସିଏ
ଝୁରେ ମନେ ମନେ ?
( ୮ )

ମନଭରି ହସୁ ମାଆ
ହେଉ ସେହି ଧନ୍ୟ,
ଚଉଦିଗେ ଉଡୁ ତାର
ବିଜୟ କେତନ ।
( ୯ )

ଏତିକି ପ୍ରାର୍ଥନା ମୋର
କହୁନି ଅଧିକ,
ବୁଝିସୁଝି ଚିନ୍ତା କର
ଖଟାଇ ବିବେକ ।
( ୧୦ )

# ମାଚୁପିଚୁର ଶିଖରେ

*ମୂଳଲେଖା - ନେରୁଦା*

*ଅନୁବାଦକ - ଜଗନ୍ନାଥ ପ୍ରସାଦ ଦାସ*

ଚାହିଁ ଦେଖ ମୋତେ ଏ ମାଟିର ଗହ୍ୱର ଭିତରୁ
ହେ କ୍ଷେତର ଚାଷୀ , ତନ୍ତୁବାୟୀ , ଅମଙ୍ଗ ମେଷପାଳକ
ବାହ୍ୟାୟନ-ଗୋତ୍ରିକ ଗୋ-ରକ୍ଷକ
ଅନିଶ୍ଚିତ ମଞ୍ଚାସ୍ଥିତ ହେ ସ୍ଥପତି
ହିମାଦ୍ରିର ଅଶ୍ରୁପୁଞ୍ଜେ ଗଢା ତୁଷାର ମାନବ ,
ପେଷିତ ଅଙ୍ଗୁଷ୍ଠ ଜହୁରୀ ବଣିକ
ବିହନ ବୁଣା ଭୂମିର ଉଦ୍‌ବିଗ୍ନ କୃଷକ
ମୃତ୍ତିକା ଗର୍ଭରେ ନଷ୍ଟ , ନିଷ୍ଫଳ କୁମ୍ଭାର ଭାଇ --

ଆଣ ଏଇ ନୂତନ ଜୀବନର ପିଆଲା ପାଇଁ
କବର ପାଇଥିବା ତୁମର ପ୍ରାଚୀନ ଶୋକ ,
ଦେଖାଅ ମୋତେ ତୁମ ରକ୍ତ , ହଳ ଓ ଲଙ୍ଗଳ ,
ଡାକିହାକି ମୋତେ କୁହ : ଏଇଠି ମୁଁ ଭୋଗିଲି ଦଣ୍ଡ
କାରଣ ଏଠାରୁ ମିଳିଥିବା ମଣି ଥିଲା ଅଙ୍କିଳ ,
ଅଥବା ଏ ଧରିତ୍ରୀ ଠିକ୍ ବେଳେ ଦେଲାନି ତା'ର
ଧାନ୍ୟଶସ୍ୟ ଓ ମୁଗୁନି ପଥର ।

ଦେଖାଅ ମୋତେ ସେଇ ପ୍ରସ୍ତର ଯାହାଉପରେ
ତୁମେ ଝୁଣ୍ଟି ପଡ଼ିଗଲ
ସେଇ କାଠ ଯେଉଁଥିରେତୁମେ କ୍ରୁଶ ବିଦ୍ଧ ହେଲ
ସେଇ ପୁରାତନ ଝକ୍‌ମକି ପଥର ଘଷି
ଦୀପ୍ତକର ପ୍ରାଚୀନ ଲ୍ୟାମ୍ପ୍
ଆଜି ଆଲୋକିତ ହେଉ ସେ ଚାବୁକ୍
ଯାହା ଅଠାଭଳିଆ ଲାଗିଛି
ତୁମ ପୁରୁଣା ଘା' ରେ
ଶତାବ୍ଦୀ ଶତାବ୍ଦୀ ଧରି
ଆଜି ଉଜ୍ଜ୍ୱଳ କର
ତୁମ ରକ୍ତରେ ଆରକ୍ତ କୁଠାର ।

ଆସିଛି ମୁଁ କହିବାକୁ
ତୁମର ମୃତ-ମୁଖ ପାଇଁ
ଏକତ୍ରିତ ହୁଅ ସାରା ବିଶ୍ୱର
ନୀରବ ମୃତ ଓଷ୍ଠ
ଅତଳ ତଳୁ କୁହ ମୋତେ
ଏ ଅସରନ୍ତି ରାତିର ଗଳ୍ପ
ଯେମିତି ମୁଁ ଅଛି ତୁମ ସଙ୍ଗେ
ପହୁଞ୍ଚିଛି ଏକାଠି ପକାଇ ଲଙ୍ଗର

ଆଉ କୁହ ମୋତେ ସବୁ କଥା ,
କୁହ ଚେନ୍ ପରେ ଚେନ୍ ,ଗଣ୍ଠିପରେ ଗଣ୍ଠି ,
ପାହାଚେ ଓ ପ୍ରତ୍ୟେକ ପାହାଚେ ,
ଶାଣଦିଅ ଲୁଚେଇ ରଖିଥିବା ଛୁରୀରେ ,
ବିନ୍ଧକର ଏ ମୋର ବକ୍ଷ , ଏ ହାତ ପାପୁଲି

ତରଳ ସୁନା କିରଣର ସୁଅ ପରି
ଲୁଚିଥିବା ଜାଗୁଆରଙ୍କର ହଠାତ୍ ଝାମ୍ପଦେବା
ବନ୍ୟାର ସ୍ରୋତ ପରି
ଆଉ ଛାଡ଼ିଦିଅ , ମୁଁ ବୁକୁଫଟା ରୋଦନ କରେ :
ଘଣ୍ଟା ଘଣ୍ଟା , ଦିନଦିନ , ବର୍ଷବର୍ଷ
ଅନ୍ଧ ଯୁଗ ଯୁଗ ଲାଗି , ନକ୍ଷତ୍ର-ଶତାବ୍ଦୀ ଧରି ।
ଆଉ ଦିଅ ମୋତେ ନୀରବତା , ଦିଅ ଜଳ ଦିଅ ଆଶା
ଦିଅ ତୁମ ସଂଗ୍ରାମ , ଲୌହ ଓ ଅଗ୍ନିଗିରି
ଲାଗିଯାଉ ମୋ ଦେହ-ଚୁମ୍ବକରେ ରାଶିରାଶି ଶରୀର
ଶୀଘ୍ର ଆସ ମୋ ଧମନୀ ମୋ ପାଟି ଭିତରକୁ
ବୋଲୋ ! ମୋ ଶବ୍ଦ ମୋ ରକ୍ତ ଜରିଆରେ ॥


# NORTH AMERICAN CHAPTER OF ENGINEERS
## From R.E.C., Rourkela, India

P.O. Box 836, Sterling Hts. MI, 48311-0836

**WANTED!!! WANTED!!! WANTED!!! WANTED!!!**

**Want R.E.C. Alumni**

If you are a R.E.C. alumnus or if you know of some one, please contact the Registration Booth at the 19th Annual Convention for more information. If you are unable to attend the OSA Convention please call:

*Hare K. Patnaik - Tel (313) 977 - 0742*
*Bailochan Behera - Tel (313) 350 - 2078*

# ଦୁଇଟି କବିତା

*ରମେଶ ଚନ୍ଦ୍ର ଧଳ*

**୧ - ବତୀ ଘର**

ଅନ୍ଧକାର ,
ମୋଞ୍ଜା ମୋଞ୍ଜା ଶୁଖିଲା ରକ୍ତର ଲାଣ୍ଡସ୍କେପ୍ ,
ସ୍କାଇଲାଇଟ୍ କାଚରେ ଅବରୁଦ୍ଧ ବେଦନାର ,
ରଙ୍ଗଲିପା , ମଡର୍ଣ୍ଣ ଆର୍ଟ ,
ଅନେକ ଅସ୍ଥି , କେତେକ କଙ୍କାଳ , ପାଟଳ ବହ୍ନି ,
ଭଙ୍ଗା ମାଠିଆ , ଅର୍ଦ୍ଧ ଦଗ୍ଧ ବିବର୍ଣ୍ଣ ଖପୁରି ,
ଶୂନ୍ୟ ମହାଶୂନ୍ୟ ଗୋଟାଏ ବିରାଟ ବିନ୍ଦୁ
ଅନେକ ମୂଠା ପାଉଁଶ ।
ଆଉ ମାତ୍ର ଏକ ପାଦ ...
ଜାଣେନା ,
ସାଙ୍ଗରେ ଥିବା ପଶୁଟି କେଉଁ ଦିଗକୁ ନେବ ,
ବତୀଘରର ଆଲୋକ ଲିଭାଇଲା କିଏ ?
ନନ୍ଦଙ୍କ ଘରେ କୃଷ୍ଣଜନ୍ମ ଦିନ କ'ଣ ଏଇ
ଅନ୍ଧକାର ଥିଲା ? ଯୁଗ ପୁରୁଷର ଯନ୍ତ୍ରଣା ଥିଲା ?
ଥିଲା ଅନେକ ଶୂନ୍ୟତାର ହା' ହୁତାଶିଆ ଭାବ ?
ଯୀଶୁର ହତ୍ୟାକାରୀମାନେ କ'ଣ ଏଇ ଅନ୍ଧକାରର ,
ସୁରାପାନ କରି ଉନ୍ମତ୍ତ ହୋଇ ଉଠିଥିଲେ ?
ସେମାନେ କ'ଣ ପୁଣି ଆଗେଇ ଆସୁଛନ୍ତି ?
ଏ ଅନ୍ଧକାରର ବିଲୟ କେଉଁଠି ?
ଜଳିଉଠିବ କେଉଁ ଦିଗନ୍ତରେ ଆଲୋକ ,
ଆଉ କେତେଦୂର .... ବତୀଘର ?

**୨ - ସମୁଦ୍ର**

ମୁଁ ଯେବେ ବେଳାଭୂମି ଛାଡ଼ି
ବାହୁଡ଼ି ଆସେ ମୋର ପ୍ରଶାନ୍ତ ନିଳୟକୁ
ମୋର ଅନୁଧାବନ କରି ଆସନ୍ତି ,
ସାଗରର ଅନନ୍ତ ନୀଳିମା , ମୁକ୍ତ ଆକାଶ ,
ପ୍ରାଚୁର୍ଯ୍ୟ ଭରା ନୀଳ ଲହରୀ ଧୀର ସମୀର
ବାଲି ଧୂଆ ଅନେକ ଶାମୁକା
ଆଉ ନାନା ରଙ୍ଗର ମାଛ ... ।

ମୁଁ ବିବ୍ରତ ହୋଇ ଉଠେ
ବନ୍ଦ କରେ ନିଳୟର ଦ୍ୱାର
ମୁଁ ସମୁଦ୍ର ପବନର ଲବଣାକ୍ତ
ଆଘ୍ରାଣ କରେ , କେବେ କେବେ
ଦ୍ୱାର ମୁକୁଳା କରେ ....
ନିଳୟ ମଧ୍ୟକୁ ଲମ୍ଫ ମାରନ୍ତି
ସାମୁଦ୍ରିକ ପକ୍ଷୀ , ରକ୍ତାକ୍ତ ହୁଅନ୍ତି ,
ମୋ ସିଲିଂ ଫ୍ୟାନ୍ ବ୍ଲେଟ୍‌ର ଆଘାତ ଖାଇ
ମାଛ ମାନେ ଚିଲପି ଉଠନ୍ତି ,
ମୋର ଆକ୍ୱାରିଅମ୍‌ର ମାଛ ମାନଙ୍କୁ ଦେଖି ।
ସମସ୍ତେ ବନ୍ଦୀ ...
ମୁଁ ମଧ୍ୟ ବନ୍ଦୀ ...
ରକ୍ତରେ ମୋର ଝଡ଼ ଉଠେ ,
ମୁଁ କହେ ଏ ଯନ୍ତ୍ରଣାରୁ ମୋତେ ମୁକ୍ତ କର
ମୁଁ ଆଉ ସମୁଦ୍ର ଯିବି ନାହିଁ ।

# ଅଗ୍ନି ପରୀକ୍ଷା

*ପ୍ରତିଭା ଶତପଥୀ*

ପେନ୍ଥା ପେନ୍ଥା ଅଶୋକ ଏଠାରେ ଶୁଖୁଛି
ଝଡ଼ି ପଡୁଛି
ପତ୍ର ଖସି ପଡୁଛି ଡାଳରୁ
ଅସହିଷ୍ଣୁ ପଙ୍ଗପାଳ ଭକ୍ଷି ଦେଉଅଛି
ଅଙ୍କୁରକୁ ମୁଣ୍ଡ ଟେକୁ ଟେକୁ
ଝାଟି ପରି ଛିଡ଼ା ହୋଇ ରହିଅଛି
ଗଛା ଗଛ ସବୁ ।
ସାଧୁ ଓ ସାଧବୀଙ୍କର ମୁହଁମାନ
ସକାଳର ଜହ୍ନପରି
ମଳିନ କରୁଣ
ପକ୍ଷୀମାନେ ପଥର ପାଲଟିଛନ୍ତି
ବିଚିତ୍ର ଯେୁ ଇନ୍ଦ୍ରଜାଲ ପୁରୀ ।

ପବନର ପକ୍ଷାଘାତ । ଆକାଶଟା ସାରା
ଚିରୁଳାଏ ବଉଦ କେଉଁଠି
ଦିଶେ ନାହିଁ
ପୃଥ୍ୱୀ ପୋଡ଼େ ଧୂ ଧୂ ଖରା
ସମସ୍ତ ନିଶ୍ଚଳ ମୂକ
ଅବୋଧ ଶାବକ
ରକ୍ତାକ୍ତ ହେଉଛି କା'ର କୁଶଳୀ ଅସ୍ତ୍ରରେ
ସବୁ ଭଲଲୋକ
ଭାଙ୍ଗି ପଡୁଛନ୍ତି , ଦେଖ ,
ଗୁରୁତର ଶୋକ ସନ୍ତାପରେ ।

କ୍ଷୀର ଶୂନ୍ୟ ଅପାଙ୍‌କ୍ତେୟ ଗାଈ ଚୀର ପରି
ନଈର ଉଲଗ୍ନ ଛାତି
ଶୁଷ୍କ ବାଲୁଚର
ହସ କାହିଁ ?
ହସ ଫୁଟି ଆସୁଥିବା ଓଠ
ହଠାତ୍ କେଜାଣି
ହୋଇଯାଏ ବିକୃତ , କୁଟିଳ ।

ଚାରିଆଡ଼େ ଭେଉଭେଉକାର
ଶବ୍ଦର ଧକ୍କାରେ
କେତେବେଳେ ଆକାଶ କମ୍ପେ ତ
କେତେବେଳେ ହିଂସ୍ରତାର ନିଃଶବ୍ଦ ରଡ଼ିରେ
ଛାତି ଥରଥର ।
ଅଥଚ କଥାପଦିଏ କି' ଦୁର୍ଲ୍ଲଭ
ଯଥାର୍ଥରେ ପଦେ ପ୍ରଶ୍ନ କୁଶଳର ।
ଉଚ୍ଚାରିତ କଥାସବୁ
ହୃଦୟରୁ ହୃଦୟକୁ
ସେତୁଟିଏ ବାନ୍ଧିବା ଅପେକ୍ଷା
ଗୋଟିକୁ ଅନ୍ୟଠୁଁ
ପୃଥକ୍ କରିଦେବାରେ ବଦ୍ଧ ପରିକର ।

ପୃଥିବୀ ତା' ନିଜପରି ।
ପ୍ରେମ ଦେଇ ପାରେ ନାହିଁ
କେବେ ଏହି କୃପଣ ପୃଥିବୀ
ଅବିଚାର , ଅସତ୍ୟ , କ୍ରୁରତା
ବାରମ୍ବାର ସଙ୍ଘଟିତ ହେଉଥିବା
ଏହି ପୃଥିବୀରେ
କ୍ୱଚିତ୍ କେଉଁଠି
ପ୍ରେମସହ , ସତ୍ୟସହ
ପରିଚୟ ଘଟି ଯାଇପାରେ
ଜିଜ୍ଞାସା ହରାଏ ନାହିଁ ତଥାପି ମୁଁ ।

ଜୀବନକୁ
ଖୁବ୍ ନିକଟକୁ ଟାଣିଆଣି
ପୃଥିବୀର ସାମ୍ନାସାମ୍ନି
ଠିଆ କରାଇ ପଚାରେ
ଏଠି ଯାହା ମିଳେନା ତାହାର
ଦୁଃସ୍ୱର ମାୟାରେ ମତେ
କେତେ କାଳ ଛନ୍ଦିଥିବ ?
ଶତକଣ୍ଠା ଶବ୍ଦେ
ଅଳୀକତା ହାତରେ ମୁଠାରେ
ସ୍ୱପ୍ନ ଯଥାରୀତି
ନିଦ ଆଉ ଜାଗରଣ ଭିତରକୁ
କେତେବାର ପଶି ଆସୁଥିବ ?

ଶୁଣ, ସ୍ୱପ୍ନ ମଧୁର ଚାଲବାଜି
ଏଣିକି ବନ୍ଦକର ।
ଏଥିରେ ଭୁଲିବା
ଆଉ ଯେ ସମ୍ଭବ ନୁହେଁ
ଲୋଭ ଭୟ ଅଜ୍ଞତାର
ଏ ସୁନେଲୀ ଜାଲ
ପୁରୁଣା ବିଶ୍ୱାସ ପରି
ଜୀର୍ଣ୍ଣ ଲାଗେ , ବାଜେ ଲାଗେ
ଅଦର୍କାରୀ ଲାଗେ

ସୁଗୋଲ ରହସ୍ୟଟିଏ
ଜଳଜଳ ଡାକେ ।
ଚାହିଁ ଦେଲା ବେଳକୁ
ସେ ଝାପ୍‌ସା ଅନ୍ଧାରରେ
ଗୋଟିଏ ସ୍ତ୍ରୀ ଲୋକର ଛାଇ
ଘୁଷୁରି ଘୁଷୁରି ଯାଉଥାଏ....
ଯାଉଥାଏ....

କାହାର ଅଲଙ୍ଘନୀୟ ନିର୍ଦ୍ଦେଶ ଯେ ?
ମୁଁ କି ସେହି ନିର୍ଦ୍ଦେଶର କ୍ରୀତଦାସୀ
ମୋ ଭିତରେ ଥାଏ
ସୁନା ଖଡ଼ିକା ପରିକା ଝିଅଟିଏ
ଝଟପଟ ମାଆଟିଏ
କର୍ତ୍ତବ୍ୟରେ ବୁଡ଼ିଥିବା
କର୍ମଚାରୀଟିଏ ।
ଆଙ୍ଗୁଠି ଟିପ ଆକାର
ତାରାସବୁ ଚମ୍‌କୁ ଥାନ୍ତି
ଅସରନ୍ତି ମାଳ ମାଳ ପଣିକିଆରୁ
ଗୋଟିଏ ଗୁଣନଖଣ୍ଡା ଖସେ ଯେ
ଦିନଟିଏ ଖସିପଡୁଥାଏ ।

ମୁଁ ଏମନ୍ତ ନାରୀ
ମୋର ବିଦେଶୀ ଦୟିତ
କୋଉକାଳୁ
ନାଆଁ ଠିକଣାକୁ ମୋର
ପାଶୋରି ସାରିଚି
ଅଥଚ ତା' ଆନୁଗତ୍ୟ-ମାଣିକ୍ୟ-ମୁଦ୍ରିକା
ପିନ୍ଧି ମୁଁ ଏଠାରେ
ମୋ ବିଶୁଦ୍ଧ ପ୍ରେମ ଆବେଗକୁ
ପ୍ରତିଶ୍ରୁତିହୀନ ଏଇ
ଅନଳଗର୍ଭରେ
ଅଞ୍ଜୁଳା ଅଞ୍ଜୁଳା କରି
ଆହୁତି ଦେଉଛି ।

**Congratulations**
**to**
**OSA - MICHIGAN CHAPTER**
**from**

**Boehringer Ingelheim**

Boehringer Ingelheim
Pharmaceuticals, Inc.
Ridgefield, CT 06877

**Makers of**

MEXITIL®
(mexiletine HCl)

ATROVENT®
(ipratropium bromide)

Catapres®
(clonidine HCl)

Alupent®

Persantine®
(dipyridamole)

# ମୁଁ, ମୁଁ ଓ ମୁଁ

ପ୍ରମୋଦ ପଟ୍ଟନାୟକ

ମୁଁ ଏକ ବିଦ୍ରୋହୀ , ବେଳେ ବେଳେ ଜଳିଯାଏ
ଅଘିରାର ବହ୍ନିଭଳି ,
ବେଦିର ପ୍ରଜାପତୟେ ନମଃ ଭଳି , ସତୀ ଚଉରାରେ
ରାଜସ୍ଥାନର ସତୀ ଭଳି ।
ମୁଁ ଚାଷୀ , ଉପବାସୀ ଓ ପ୍ରବାସୀ , ବାଉଁଶ ଘେରା
ଧୋଇଆ ଅଞ୍ଚଳର କଖାରୁ ଫୁଲ କଷି ,
ସାଙ୍ଗମାନେ ମୋର ଉଚ୍ଚାଭିଳାଷୀ ,ପାଠୁଆ ,
ପଣ୍ଡିତ ,ଶାସକ , ଲାଞ୍ଜନିଆ ଚାକେରିଆ
ଆଉ କିଏ ଯାଇଛି ବାରାଣାସୀ ବା କାଶୀ ।

ମୁଁ ଥିଲି କାଙ୍ଗାଳ , ଭିକ୍ଷୁକ , ଅନୁଗୃହିତ , ଲାଞ୍ଛିତ ,
ଯମଦ୍ୱାରା ପରିତ୍ୟକ୍ତ , ଯମଦଗ୍ନି ପୁତ୍ର ,
ଜଳେ ,ଥଳେ ,ଜଉଶଳେ ,ଏ ବସୁଧାରୁ ମୁଁ କରିବି
କ୍ଷତ୍ରିୟ ବଂଶ ନାଶ
ମୁଁ ହେବି ଚାଣକ୍ୟ , ଚାର୍ବାକ ,କାଶ୍ୟପ ବା
ଆମ ଗାଁ ଶିଆଳି ଗଛ ତଳର ଦରମରା ଘାସ ।

ମୁଁ ପ୍ରତାରକ , ଶଠ , ଲମ୍ପଟ , ଜୁଆଡ଼ି ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀ
କିନ୍ତୁ ଏକ ନିର୍ଧୁମ ପ୍ରେମିକ
ନିର୍ବୋଧତା ମୋର ଆଣିଦେଇଛି ପତଙ୍ଗ ପରି
ଅଗ୍ନିରେ ଝାସ ...
ଅହଲ୍ୟାର ଚାସ
ଚାଣକ୍ୟର କୁଶ ଓ
ପାରିକୁଦ ରାଜା ନିଶ ।

ମୁଁ   କିନ୍ତୁ କଜ୍ୱଳ ପୂରିତ ଲୋଚନଧାରେଙ୍କ ଶିଷ୍ୟ ,
        ବିଦୂର ମୋର ହସ
        ସୁନ୍ଦରୀଙ୍କର ମୁଁ ଦାସ
   ଝଇଙ୍କ ଭଳି ମର୍ମ ନ ଜାଣି ,
   ଯେ ଦେଇଛି ମତେ ଅଗ୍ନିରେ ଝାସ
   ସେ ହାରିଛି ... ମରିଛି ... ଓ ସରିଛି ।

ମୁଁ   ସତେ ଏ ସବୁ ଭିତରେ ବଞ୍ଚିଛି ବହ୍ନି ଭଳି ,
   ସାପ ଭଳି , କୁଟୁରା ଭଳି ,ବନପକ୍ଷୀ ଭଳି , ଭଲ୍ଲୁକ ଭଳି, ଶୃଗାଳ ଭଳି
   ମୋର ଏ ବଞ୍ଚିବା ଟା କେବଳ ଏକ ଛଳନା
   ମୁଁ ସତରେ କିଛି ଚାହେଁନା , କେବଳ " ହେ ଅଦୃଷ୍ଟ ",
   ଦେଇ ଦିଅ ମତେ ଇନ୍ଦ୍ରଧନୁର ରଙ୍ଗ , ହୁଡ଼ିନିର କୁହୁକ
   କାରଣ ମୁଁ ସବୁ ଉପାୟ କଲିଣି ,
      ଆକାଶର ଚାନ୍ଦକୁ ଆଣି ଘରେ ରଖିଲିଣି
      ଲୁଚି ଲୁଚି ପ୍ରଶାନ୍ତି ନିଳୟଂ ଗଲିଣି
      କବାଟ କିଳି ମୁଁ ତୁମ ସ୍ତୁତି ଗାଇଲିଣି
      ହୃଦୟଟାକୁ ଅନୁତାପର ଉଷୁମ ପାଣିରେ
      ଭଲ ଦାମ ଅକଲ ଦେଇ ପୋଛିଲିଣି
      ତଥାପି ....
   ଜ୍ୱଳନର ଏ " ପୋର୍ଟଫଲିଓ "ଟା " ନିଉୟର୍କ ଷ୍ଟକ୍ ମାର୍କେଟ୍ " ଭଳି
   ପଡୁଛି ଆଉ ଉଠୁଛି ...
   ସତେ କ'ଣ ମୁଁ " ଜେନ୍ " ର ଭାଉ ଟିକେ ପାଇବିନି ?
   ସାଧବ ବୋହୂର ମଖମଲିଆ ଆଳସ୍ୟ ଭୋଗିବିନି ?
   ମୁଁ ତେବେ କଅଣ ହତାଶର ଏକ ଭ୍ରମରବର ?
   ତାଲିଚର ନା ସରୋବର ହୋଇ ସାଲବେଗ ହୋଇଯିବି ?
   ମୋର ଏ ସ୍ୱପ୍ନ , ନିଶା , ଦଉଡ଼ା , ଟାଉଟରୀ , ଗୁହାରିଆ ଓ ଗୁମାସ୍ତାଗିରୀ
   ଏଇ ଜନ୍ମରେ କଅଣ ଶେଷ ହେବ ?
   ତା ନ ହେଲେ
ମୁଁ   ଛଦ୍ମ ଶକୁନି ବେଶରେ ଏ ଯୁଗ ତ୍ରୀଶଙ୍କୁ ସାଜି
   ନିଜ ଗଢ଼ା ଯଉଘରେ ନିଜେ ନିଜେ , ଜଳି - ଜଳିଯିବି
   ଓ ଶେଷରେ " ମୁଁ ", " ମୁଁ " ଓ " ମୁଁ " ରେ ରହିଯିବି ।

# ସ୍ୱପ୍ନ ସବୁ ସତ୍ୟ ନୁହେଁ

*ଶାନ୍ତି ଲତା ମିଶ୍ର*

ତୁମ ପ୍ରତ୍ୟାଖ୍ୟାନ - କୋଣାର୍କ ଶିଳାରେ ,
ମଥା ପିଟେ ମୋ ଅଶ୍ରୁ ସମୁଦ୍ରର ଢେଉ ,
ଜର୍ଜରିତ ତନୁ ସିକ୍ତ ଅବ୍ୟକ୍ତ ଯନ୍ତ୍ରଣା , ଅପମାନ
ଆଉ ଗ୍ଲାନିର ବର୍ଷାରେ ।
ସେଦିନ -
ସମୟ ଶାମୁକା ଭିତରେ ବୟସର ମୁକ୍ତା ,
ଯେବେ ଚିତ୍କାର କରୁଥିଲା ମୁକ୍ତି ପାଇଁ ,
ସେତେବେଳେ ଆଗ୍ନେୟ ଗିରିର ଲାଭା ପରି ,
ଉଦ୍‌ଗୀରଣ କରିଥିଲ ଯେତେ ସବୁ ମିଥ୍ୟା ମଧୁର ପ୍ରତିଶ୍ରୁତି
ବିଞ୍ଚୁଥିଲ ମୁଠା ମୁଠା ସ୍ୱପ୍ନର ଗୋଲାପ ।
ଅଭିନୟ ତୁମ ବାସ୍ତବ ଛବି ,
ସ୍ୱପ୍ନ ମୋର ଡେଇଁ ଥିଲା ସମାଜର ନାଲି ଆଖି ,
ଆଉ ବାଧା ବନ୍ଧନର ଅଭେଦ୍ୟ ପ୍ରାଚୀର ।
ସ୍ୱପ୍ନ ସବୁ ସତ୍ୟ ନୁହେଁ ,
ତଥାପି ତ ସ୍ୱପ୍ନ ଆସେ
ମନର ପାଚେରୀ ଡେଇଁ
ଆଖିର ପରଦା ଠେଲି ।

ତୁମ ଭିତର ଓ ବାହାରର ଶାଣିତ୍ୟତାକୁ
ପରଖି ନ ଥିଲି ବୋଲି
ସମାଧିସ୍ଥ କଲି ମୋର ସରଳ ମନକୁ
ତୁମ ଛଳନାର ଶ୍ମଶାନ ଭିତରେ ॥

# ସମ୍ବଲପୁରୀ ଗୀତ

ପ୍ରମୋଦିନୀ ମିଶ୍ର

ପଢ଼ିଥିଲି ମୁଇଁ ଇ'ସହର୍ ଲେଡ଼ି ଲୁଇସ୍ ଇସ୍କୁଲେ
ପାଚ୍ ପାସ୍‌କରି ଛ କିଲାସେ ପଢ଼ିଥିଲି ଦିନେ ବେଲେ ।
ବୁଆ ବଏଲା ନାଇଁ ପଢ଼େ ଆଉର୍ ମାଁ ବଏଲା ପଢ଼୍‌ବା
ଦଦା ବଏଲା ଟୁଁକେଲ୍ ଜାଏଦ୍ ପାଠ୍ ପଢ଼ି କା'ଣା କର୍‌ବା ।

ଆଇ ବଏଲା ପଢ଼୍‌ବା ବଏଲେ ଭାଙ୍ଗିଦେମି ଗୋଡ଼ହାଡ୍
କବାର୍ ବୁଡ଼ା ନାଇଁ ଶିଖିଲେ ପାଏବା ଝୁଡ଼ା ଲାଡ୍ ।
ଇ' କଥାଟା ଶୁନିକରି ମୁଇଁ କାନ୍ଦ୍‌ଲି ରଢ଼ି ରଢ଼ି
ନୁରି ନୁରି ମୋର୍ ସାଙ୍ଗ୍ ସରସା ଦେହେଟା ଗଲା ସଢ଼ି ।

ସୁରୁଡା କରି ସେ ଅମ୍ରା ଫଲ୍‌କେ ନାଇଁ ହେଲା ଝୁମ୍ରା
ଆଉର୍ ସୁରୁଡା ହେଲା ସିନ୍ଧୁର୍ ଆଲୁ ଚନା ବରା ।
କେନ୍ କଥାକେ ସୁରୁଡା କର୍‌ମି କେନ୍ କଥାକେ ନାଇଁ
ଆଜ୍‌କାଲ୍ ମିସେ ହେଡେଇ ଦେଲେ ଲୁହୁ ଯାଏସି ବୁହି ।

ପଢ଼ିଥିଲେ ସିନେ ଜାନିଥାଏନ୍ତି ଦେଶ୍‌ବିଦେଶର୍ କଥା
କା'ଣା ଜାନ୍‌ମି ମୁରୁଖି ଲୁକର୍ ସବୁ ମୁରୁଖି କଥା ।
ଗନିତ୍ ସିନେ ନାଇଁ ଜାନୁଥିଲି ଗୀତ୍ ଗାଉଥିଲି ବନେ
ଆଜ୍‌କାଲ୍ ମିସା ଗୀତ୍ ମାସ୍‌ଟେରେନ୍ ଡାକ୍‌ସନ୍ ଦିନେଦିନେ ।

ହେ ମାହାପୁରୁ କେନ୍ତାବେଲେ ଜନମ୍ ଦେଲୁ ମତେ
ଏନ୍ତାବେଲେ ଜନ୍‌ମିଥିଲେ ପଢ଼ିଥାଏନ୍ତି କେତେ ।
ଦଦାମାନେ ମୋର ପଢ଼୍‌ଲେ ପାଠ୍ ଉଡ଼୍‌ଲା ତାଙ୍କର୍ ନା'ଟା
ମୁଇଁ ରାନ୍ଧ୍‌ନି ରାନ୍ଧି ରାନ୍ଧି ଲଇଁ ଗଲାନ ଅଁଟାଟା ।

# ମନେ ହୁଏ

*ନିତ୍ୟାନନ୍ଦ ମହାପାତ୍ର*

## ପ୍ରଥମ ମାନସିକ

ମନେ ହୁଏ ଏ ନୀଳାମ୍ବର । ନୀଳାମ୍ବର ହୋଇଥିବ ନିଶ୍ଚୟ । ନୀଳାମ୍ବର ପରି ଦିଶୁଛି । ନୀଳାମ୍ବର ତ । ଏଁ । ନୀଳାମ୍ବର ବୁଢ଼ା ହୋଇ ଗଲାଣି ? ଏତେ ଚଞ୍ଚଳ ? ମ୍ୟାଟ୍ରିକ ପାସ୍ କରିଥିଲୁ ଏକା ସାଙ୍ଗରେ । ତାକୁ ସେତେବେଳେ ଷୋହଳ । ମୋତେ ସତର । ଉଣେଇଶ ଶ' ଅଠେଇଶ । ଅଠେଇଶରୁ ଆଜି ହେଲା ସତୁରୀ, ବୟାଳିଶ ବର୍ଷ, ବୟାଳିଶ ଷୋହଳ ଅଠାବନ, ନୀଳାମ୍ବରକୁ ଖୁବ୍ ଜୋର ଅଠାବନ ହେବ । ଅଠାବନରେ ବୁଢ଼ା ? ବାଳ ପାଚିଗଲାଣି, ଦାନ୍ତ ବି ପଡ଼ିଯାଇଛି ବୋଧହୁଏ, ପଡ଼ିଯାଇଛି ତ ! ପାଟିଏ ମାୟାଦାନ୍ତ, ଗୋରୁହେଡ଼ା ପରି, *ଫଲ୍‌ସ ଟୀଥ୍* । ଦେଖ, କିମିତି ଦାନ୍ତ ଚିପି ଚିପି କଥା କହୁଛି । ଭେଲେ ରେ ଭେଲେ, ଭଲ *ଡେଣ୍ଟିଷ୍ଟଟିଏ* ତୋତେ ମିଳିଲା ନାହିଁ ? ଶସ୍ତାରୁ ଅବସ୍ଥା, ମୁଁ କେମିତି ଦାନ୍ତ ଲଗେଇଛି - ଇଁ, *ଫଲ୍‌ସ୍* ବୋଲି କିଏ କହିଦବ ? ଦଉ ତ ଦେଖିବା । ମହା କୃପଣ ଏ ନୀଳାମ୍ବର ଟା । ବୁଢ଼ା ହେଲୁ, ଏବେ ବି ସେ ଆଦତ୍ ଛାଡ଼ିଲୁ ନାହିଁ ? ନା, ଇଏ ନୀଳାମ୍ବର ହୋଇ ନ ଥିବ, ନୀଳାମ୍ବର ପରି ଟିକିଏ ଟିକିଏ ଦୁଉଚି ଏକା । ଆଏ ନୀଳାମ୍ବର ! ଡାକି ଦେବି କି ଆଉ ! ନା ତ, ଏ ନୀଳାମ୍ବର ନୁହେଁ, ନୀଳାମ୍ବର ହୋଇଥିଲେ ଏତେ ବେଳଯାଏଁ ଥାଆନ୍ତା, ମୋତେ ଆସି କୁଣ୍ଢେଇ ପକାନ୍ତା ନି ଦେଖିଲା ମାତ୍ରେ ! ସେ ବି କଣ ମୋତେ ଚିହ୍ନିପାରୁ ନାହିଁ ନା ? ଚିହ୍ନିବ କିମିତି, ଏଣିକି ଅନେଇଲେ ତ, ଏଣିକି ମୋତେ ମୁହଁ ବୁଲଉ ନାହିଁ ଦେଖୁନୁ, ବୋଧହୁଏ ଲାଜରେ ସେ ମୋ ମୁହଁକୁ ଚାହିଁପାରୁ ନାହିଁ, ତା'ରି ଲାଜ ତାକୁ ଖାଉଛି । ଏ କି ଲାଜ ! ଯାହା ତ ହେବାର ଥିଲା ହେଲା, ମୁଁ କଣ ଗଣ୍ଠିକରି ବଇଚି ସେ କଥାକୁ ? ହେଲା ତ ହେଲା, ଭାସିଗଲା କ'ଣ, ତୁ ମୋ ପେଇଁ ପ୍ରସ୍ତାବ ନେଇ ଆସିଥିଲୁ, ନିଜେ ବାହା ହୋଇ ପଡ଼ିଲୁ, ଏମିତି କଣ ହେଉ ନାହିଁ ? ଆମ ଗାଁ ହାଫିଜ୍ ମିଆଁ ତ ପୁଣି ବାଆସ୍ତରୀ ବର୍ଷରେ ନାତି ପାଇଁ କନିଆ ଦେଖି ଯାଇ ଫେରି ଆସି କହିଲା - *ଆରେ ପୋତା, ଓ୍ବହ ତୁମ୍‌ହାରେ ଲାୟକ ନହିଁ, ଇସିଲିୟେ ମୈନେ*

*ସାଦୀ କର ଲୀ* । ଆଉ ତୁ ତ ସେତେବେଳେ ଗଜା ବୟସର ଭେଣ୍ଡିଆଟେ । ବାହା ହେଲୁ ତ ଜଣ ହେଲା, ମୁଁ ଜଣ ବାହା ହୋଇନାହିଁ, ବାହା ନ ହେଇ ବଇଚି ? ତାକୁଇ ବାହା ନ ହେଲେ ଆଉ କାହାକୁ ବାହା ହେବି ନାହିଁ ବୋଲି ପଣ କରି ବୁଢ଼ା ହେଇଛି ?

ଆରେ ଘଣ୍ଟି ପଡ଼ିଗଲା । *କାଇନ୍ କ୍ଲିଅର୍* । ଯିବା, ଟିକଟ କାଟିବା । ମନିବ୍ୟାଗ୍ ? ଆରେ ମନିବ୍ୟାଗ୍‌ଟା କୁଆଡ଼େ ଗଲା ? ପକେଟ୍ ମାର ? ନା, ନା ! ରକ୍ଷା ! ଭଗବାନ ! ତଳ ପକେଟରେ ରଖିଦେଇ ଖୋଜୁଛି । ଛି - ଛି !

ଇଏ ପୁଣି ଗୋଟାଏ କିଏ ? ବଡ଼ ଉପର ମୁହାଁ ଲୋକଟା ତ ! କେମିତି ଧପାଲି ଚାଲିଛି ଦେଖ, ଝୁଣ୍ଟି ପଡ଼ିବ ଯେ । ଜୀବନରେ କେବେ କେଉଁଠି ବୋଧେ ଠିକି ନାହିଁ, *ସକ୍‌ସେସ୍‌ଫୁଲ* । ହାଁ ହାଁ ହାଁ ପଡ଼ିଲାତ, ପଡ଼ିଥାଆନ୍ତା । ରକ୍ଷା, ବିଚାରା ମକା ବାହାରି ଯାଇଥାଆନ୍ତା ଅଇଛା । ନୀଳାମ୍ବର ବି ହସୁଛି, ମୁରୁକି ମୁରୁକି, ଚାପି ଚାପି । ଡାକି ଦେବି କି ନୀଳାମ୍ବର ବୋଲି ? ପଚାରିବି ଆବେ ଶଳା - ଉହୁଁ - ତମେ - ଉହୁଁ - ଆପଣ ନୀଳାମ୍ବର ବାବୁ ନା ? ମୁଁ ଠିକ୍ ଚିହ୍ନିଛି ଆପଣ ନୀଳାମ୍ବର ବାବୁ ! ଉହୁଁ - ତୁ ଆମ ନୀଳାମ୍ବର ନା ? ଯଦି ନ ହେଇଥାଏ ! ଛି ଛି !

କିନ୍ତୁ, ନା ଏ ନୀଳାମ୍ବର ନିଶ୍ଚୟ । ସେଇ ନାକ, ସେଇ କାନ, ସେଇ ଆଖି, ତେବେ ଜଣ ଏ ନୀଳାମ୍ବରର ଦୋପରସ୍ତ, ହିଟଲରର *ଡୁପ୍ଲିକେଟ* ଭଳି ? କପାଳଟା ଟିକିଏ *ଫ୍ଲାଟ୍* ହୋଇଯାଇଚି, ପଛଆଡ଼ ଚନ୍ଦା, ପଇସା କମେଇଚି, କମେଇଚି ବି ? କ୍ୱଚିତ୍ ଖଲ୍ୱାଟ ନିର୍ଧନ । କମାନ୍ତା ନାହିଁ ? ଆଇ· ଏ· ଏସ୍· ଅଫିସର୍ ! କେତେ ଜଣ ! ପେନସନ ନେବଣି । ହଁ ଅଠାବନ ହେଲାଣି ! ଥାଟ ଟା ଦେଖ ! ବିଚାରା, ଖାଇବାକୁ ନ ପାଇ ଶୁଖିଯାଇଥିବ । ଯେତେ ଆଇ· ଏ· ଏସ୍, ଯେତେ ମନ୍ତ୍ରୀ, ପଦରୁ ଖସିଲେ, ମଲେ । ବାଘ, ବାଘ ଗୋଟିଏ ଗୋଟିଏ । ବାଘ ଥରେ ମଣିଷ ମାଉଁସ ଖାଇଲେ ଆଉ କୋଉ ମାଉଁସ ଛୁଇବ ନାହିଁ । ମରିଯିବ ପଛେ, ନାହିଁ । ଏମାନେ ସେମିତି । ଏଙ୍କ ଆହାର 'ନମସ୍କାର ସାର୍ !', ଥରେ ଏ ଡାକ ଶୁଣିଲେ ଆଉ ଛାଡ଼ି ହେବ ନାହିଁ । ବାବା କି ରବାବ ! ଆସନରୁ ଖସିଲେ ଭାଙ୍ଗିଯାଏ । ଆଉ କିଏ ଅନାଏ ବି ନାହିଁ, ନମସ୍କାର ସାର୍ ତ ଦୂରର କଥା, ପଚରରେ ପକାନ୍ତି ନାହିଁ କେହି । ଏଟା ତ *ପ୍ରମୋଟି* । ସିଧାସଳଖ ଆଇ· ଏ· ଏସ୍ ହେଇଥିଲେ ତ ଫୁଲି ଫୁଲି ଫାଟି ପଡ଼ିଥାଆନ୍ତା । ଆଧୁନିକ ସମାଜରେ ଏଇ ବ୍ରାହ୍ମଣଙ୍କର ଭେଦ ଦୁଇ - *ପ୍ରମୋଟି* ଆଉ *ଡାଇରେକ୍ଟ* , ସିଧା ଆଉ ବଙ୍କା ।

ମୁଁ ଯାଏଁ ଟିକଟ କରି ଆଣେଇଁ । ହଉ, ଦବୁ ତ ଦେ । ନା ଏତେ ଦେବି ନାହିଁ, ଦି' ମିନିଟ୍ ପାଇଁ ଚାରିଅଣା ! ଯା ଯା ମୋର ଜୁତା ପାଲିସ୍ ନ ହେଲା ନାହିଁ ।

ଏ ବୁଢ଼ୀ ମାଇପିଟା କିଏରେ ବାବା, କେମିତି ସାଜିଗୁଜିକି ବାହାରିଛି ଦେଖ ! ନାହି ତଳକୁ ଲୁଗା, ବେକ ତଳକୁ ଢାଙ୍କଣ୍ଡେ, ଆଉ ନାହି ଉପରକୁ ଢାଙ୍କଣ୍ଡେ କଟା ବ୍ଲାଉଜ୍ । ଆଗ କାଳିକା କାଞ୍ଚଲା ବୋଲ । ବିଜ୍ଞାପନ ନାରୀତ୍ୱର । ନା - ମଉଳା ଯୌବନର । ହାଇରେ ବୟସ ! ତୁ ଗଲୁ କୁଆଡ଼େ ? ମୁଁ ଯା' ବୁଢ଼ା ହୋଇଗଲି, ହଜିଗଲା ବଅସକୁ ଖୋଜି ହେଲେ ଆଉ ଜଣ ମିଳେ ? କିନ୍ତୁ ଆଜିକାଲି ଟୋକାଟୋକୀ ଗୁଡ଼ାକ କି ଭାଗ୍ୟବାନ୍ ସତେ ! ଆମ ସମୟରେ ଏମିତି ମିଶାମିଶି ଘେସାଘେସି ନ ଥିଲା । ଦୁଃଖ ରହିଗଲା । ତା ବୋଲି ଜଣ ମଣିଷ ଏମିତି ବେହିଆ ନିର୍ଲ୍ଲଜ ବେହାଲ ହେବ । ଟୋକାଟୋକୀଙ୍କ ସାଙ୍ଗରେ *କମ୍ପିଟିସନ୍* କରିବ ?

ଏଁ ! ଏ ମାଇକିନିଆଟା ଯାଇ ସେଠି ବସିଲାଣି, ନୀଳାମ୍ବର ପାଖରେ, ଦିହକୁ ଦିହ ଲଗେଇ । ଇଏ କ'ଣ ତେବେ ବିନ୍ଦୁ ? ସେତେବେଳେ ତ ବିନ୍ଦୁ ଏମିତି ନ ଥିଲା । କେଡ଼େ ସରଳ, କେତେ ନିରାଡ଼ମ୍ବର ! ଏଡ଼େ ବଡ଼ଲୋକର ଝିଅ ବୋଲି କିଏ କହିବ ? ଧଳା ଶାଢ଼ୀ, ହାତରେ ପଟେ ଲେଖେଁ ସୁନାବଳା । ବେକରେ ଗୋଟେ ଚେନ୍, ବାସ୍ । ଇମିତି ବଦଳିଗଲା ଦିନ କେଇଟାରେ ? ଏ ବୟସରେ ଜଣ ମାନୁଛି ଏ ସବୁ ? କି ପାଉଡର, କି ଲିପ୍‌ଷ୍ଟିକ୍, କି କଜଳ ! ଆଚ୍ଛା ତା' ଗାଲରେ ଏ ତିଳ ଚିହ୍ନଟା ଏମିତି *ପ୍ରମିନେଣ୍ଟ* ଥିଲା ? ନ ଥିଲା ତ ! ଓହୋ - ମାଛିଟାଏ, ତିଳ ନୁହେଁ । ଚାହିଁ ଉଡ଼ିଯାଉନାହିଁ, ଘଉଡ଼େଇ ଦଉନାହିଁ କାହିଁକି ମାଇପିଟା, ସଲସଲ ଲାଗୁନାହିଁ ? ନାଇଁ ନାଇଁ, ଏଟା ତିଳ ନୁହେଁ କି ମାଛି ନୁହେଁ । ଜଣ କହନ୍ତି ମାଇପେ, ହଁ, *ବିଉଟି ସ୍ପଟ୍*, ଠିକଣା ଯାଗା । କିନ୍ତୁ ବିନ୍ଦୁର ତ ଭ୍ରୂଲତା ଦିଟା ଖୁବ୍ କଳା କଳା, ମୋଟା ମୋଟା ଥିଲା, ଇମିତି ସରୁ ସରୁ ଗାରକାଟି ଦେଲା ପରି ହେଲା କିମିତି ? କାମ କମାଣ । କବି କହିଲା ଚୁଟ । ନା - ଇଏ

ବିନ୍ଦୁ ନୁହେଁ, ଦେଖ ଦେଖ କଣ ହଉଛନ୍ତି - -

ଟଂ ଟଂ ଟଂ - ଟଂ ଟଂ ଟଂ - ହେଇଟି ଗାଡ଼ି *ଆଭଟ୍* ହେଲା, ଯାଏଁ ଟିକଟ କାଟି ଆଣେ । ଦେଖ ଦେଖ ମୁହଁକୁ ମୁହଁ ଲଗେଇ ଦେଇ ଏମିତି ସବୁ କଥା ହୁଅନ୍ତି *ୱେଟିଂ ରୁମରେ* ? ଏମାନେ ବୋଧେ ଆଗରୁ ଟିକଟ କରି ସାରିଛନ୍ତି । ମୁଁ ଯାଏଁ, ଏମାନେ ଏମିତି ପ୍ରେମ କରୁଥାଆନ୍ତୁ ବସି । କି ପ୍ରେମ ! ପୁଣି ବୁଢ଼ାବୁଢ଼ୀ ହେଲା ପରେ । ଏ ବୟସରେ ସିନା ଯେତେ ଛୁଡ଼ାଛୁଡ଼ି ରହିବ ସେତେ ରସଟା ଗାଢ଼ା ଧରିବ, ବେଶି ରକ ଘସରେ ପ୍ରେମଟା ଘସରା ପଡ଼ିଯାଏ । ଏମାନେ କିନ୍ତୁ ଯୌବନଟା ରଖିପାରିଛନ୍ତି । ବାହାଦୁର ଅଛୁ ନିଶ୍ଚୟ । ଦେଖ ଦେଖ, ଇୟା ମୁହଁରୁ ସିଏ, ତା' ମୁହଁରୁ ଇଏ କେମିତି ହସ ଛଡ଼େଇ ନଉଚନ୍ତି ଦେଖ । କଳା ଚମଡ଼ା ଲୋକେ ଗୋରାଙ୍କୁ ଚାହିଁ ମାଙ୍କଡ଼ାମି କଲେ କିମିତି ଖତେଇ ହେଲା ପରି ଲାଗେ । ନାଁ, ଇଏ ବିନ୍ଦୁ ନୁହେଁ । ବିନ୍ଦୁ ପଢ଼ିଲାବେଳେ ଖାଣ୍ଟି ଓଡ଼ିଆଣୀ ଝିଅଟିଏ ପରି ଦିଶୁଥିଲା । ସେତେବେଳେ ତ ସାଲୁଆର, ପଞ୍ଜାବୀ, କି ବର୍ମିକ୍ ଲୁଙ୍ଗି ଶାର୍ଟ, ମିନି, ମିଡ଼ି, ମ୍ୟାକ୍ସି, ବେଲବଟମ୍, ଡେନିମ୍ ଜିନ୍ ସବୁ ବାହାରି ନ ଥାଏ । ବଙ୍ଗାଳୁଣୀଙ୍କୁ ଦେଖି ଓଡ଼ିଆଘର ଥିଲାବାଲାଙ୍କ ଝିଅ ବୋହୂ ନିଜକୁ ସଜଉଥିଲେ । ବିନ୍ଦୁ ତା କରୁ ନ ଥିଲା, ଶାଢ଼ୀର ପଣତ ତାର ଓଡ଼ିଆ ଘର ଭୁଆସୁଣୀଙ୍କ ପରି ଡାହାଣ କାନ୍ଧରେ ପଡ଼ିଥାଏ । ଓଡ଼ିଆଘର ବାହୁଅ ଝିଅଙ୍କ ପରି ମୁଣ୍ଡରେ ଲୁଗା ଦିଏ । ଏ କ'ଣ ସେଇ ବିନ୍ଦୁ ? ସାଇବାଣୀ ମାନେ ଶାଢ଼ୀ ପିନ୍ଧିଲା ପରି ଦିଶୁଛି । ଉଡ଼ାଜାହାଜର *ଏଆରହଷ୍ଟେଜ*ଭଳି ଆଉ ଟିକକକେ '*ଥନ୍ୟବାଦ୍*' କହିଦବ । ଆଜିକାଲିକା ଡ୍ରେସିଂ ମେକ୍ ଅପ୍‌ରେ ବୁଢ଼ୀ ମାଇପେ ବି ରମ୍ଭା ଉର୍ବଶୀ ପରି ଦେଖାଯାନ୍ତି । ବିନ୍ଦୁ କଣ ଏତେ ବଦଳିଗଲା ତାଙ୍କ ସାଙ୍ଗରେ ପଡ଼ି ? ନା ଆଇ· ଏ· ଏସ୍ ବରର ହାତ ଧରି ? ନା - ନା ଏ ବିନ୍ଦୁ କି ନୀଳାମ୍ବର କେହେ ହେଇ ନ ଥିବେ ।

ଏଁ - ପାନ୍ ବିଡ଼ି ସିଗାରେଟ୍ - ଗରମ ଚା ? ଗାଡ଼ି ଆସିଗଲା ? ଟିକଟ କରି ନାହିଁ ଯେ । ଏ ଯଦି ସତରେ ବିନ୍ଦୁ ହେଇଥିବ, ହେଇଥିଲେ ହେଇଥାଉ, ମୁଁ ତ ବାହା ହେଇ ନାହିଁ । ବାହା ନ ହେଇ ରକ୍ଷା ପାଇଯାଇଛି । ଭଗବାନ ଯାହା କରନ୍ତି ମଙ୍ଗଳ ପାଇଁ ।

କିନ୍ତୁ ବାହା ହେଇଥିଲେ ସେ ଖୁସି ହୋଇଥାନ୍ତା । ସେ ମୋତେ ବାହା ହବାକୁ ମନ କରିଥିଲା । ନୀଳାମ୍ବରକୁ ନୁହେଁ । ମୁଁ ଜଣେ ବାଳିକାକୁ ଖୁସି କରିପାରିଛି ବୋଲି ମନରେ ଗୋଟାଏ ଆଣ୍ଟ ଥାଆନ୍ତା । ନଳିନୀ ମୋତେ ବାହା ହୋଇ ଖୁସି ହଉ ନ ହଉ ସେ ସୁଖୀ, ଏତକ ମୁଁ ଜାଣେ । ସବୁ ମାଇପେ ବୋଧହୁଏ ଏମିତି ସୁଖୀ ହୁଅନ୍ତି । ଯେଉଁମାନେ ମନକରି ବାହା ହେଇ ନ ଥାନ୍ତି ତାଙ୍କ କଥା କହୁଚି । ବାହା ହେଲା ପରେ ସେମାନଙ୍କର ସପନ ଦେଖା ଆରମ୍ଭ ହୁଏ । ଭାଙ୍ଗିଯାଏ ନାହିଁ ବାହା ନ ହେଇ ପ୍ରେମ କଲାବେଳର ସୁଖ ସ୍ୱପ୍ନ । ବାହାହେଇ ଯିଏ ସ୍ୱପ୍ନ ଦେଖନ୍ତି ସେଥିରେ ଉଠାପଡ଼ା ନ ଥାଏ । ଚାଲିଥାଏ ସୁଅ ବହିଗଲା ପରି, ଖରାଦିନିଆ ନଇରେ । ସଞ୍ଜୁଆ ପଶ୍ଚିମ ଆକାଶରେ ଆତସବାଜି ଖେଳୁଥିବା ମେଘପରି ସେ ଜୀବନର ରଙ୍ଗ ବଦଳେ ନାହିଁ । ସବୁ ଦିନେ ନୂଆ ନୂଆ ତରକାରୀ ଚାଖିବାର ସଉକ ଉଭାଇଯାଇ ଭାତ ଡାଲିରେ ଏମିତି ଆଦତ ପଡ଼ିଯାଏ ଯେ ଦିନେ ନ ହେଲେ, ଯେତେ ପୁରି ମାଲପୁଆ ଖାଇଲେ ମନବୋଧ ହୁଏ ନାହିଁ । ମନ କରି ବାହାହେଲେ ଭଲପାଇବାଟା କିମିତିକା ଭୁଲି ଭୁଲି ହେଇଯାଏ । ନୂଆ ରାଗିଣୀ ପଟୁରେ ଧାଇଁଲା ସୁର ପୁରୁଣାକୁ ପାଶୋରି ଦେଲା ପରି । ଆଗରୁ ମନ ନ କରି, ଖାଲି ବାହାହେବାକୁ ହୁଏ ବୋଲି ଯିଏ ବାହା ହୁଅନ୍ତି ସେମାନେ ଭଲ ପାଇ ଶିଖନ୍ତି ବାହା ହେଲା ପରେ । ସେ ଶିଖା ଆଉ ସରେ ନାହିଁ ଜୀବ ଥିଲା ଯାକେ । ସେମାନଙ୍କୁ ପ୍ରତିଦିନ ବାହାହଉଥିଲା ପରି ଲାଗେ । ବନ୍ଧୁ ଅମିତାଭ ତା ବାହାଘର ବର୍ଷିକିଆ ପାଳିଲା କଥା ଶୁଣି ନଳିନୀ ପରା ଥଟ୍ଟା କରି କହିଲା ସେ କଥା । ଆମେ କୁଆଡ଼େ କିଇଚି ଥରେ ଲେଖା ବାହା ହଉ ସେଇ ଏକା ମଣିଷକୁ ।

## ଦ୍ୱିତୀୟ ମାନସିକ

ଇଏ ଦୀନବନ୍ଧୁ ନା ? ସେଇ ଦୀନା ? କ୍ଲାସ୍‌ରେ ଫାଷ୍ଟ, ସବୁଥିରେ ଫାଷ୍ଟ । ଏକୁଇ ପସନ୍ଦ କରିଥିଲା ବିନ୍ଦୁ ପ୍ରଥମେ, ମୋତେ ନୁହେଁ । ଦୀନା ଘର ମନା କଲାବେଳକୁ ଯାଇ ସିନା ଏ ଅଧମ *ସ୍ପୋର୍ଟ୍‌ସ୍‌ମ୍ୟାନ୍* ଆଡ଼କୁ ଆଖି ପଡ଼ିଲା । ନ ହେଲେ ନୀଳାମ୍ବର କିଏ କୁମାରୀ ବିଦ୍ୟୁତ୍ ପ୍ରଭା କିଏ ? ବିଚିତ୍ର ଏ ନାରୀ ଚରିତ୍ର । ତିରିଶ ଚାଳିଶ ବର୍ଷ ବିତିଗଲା, ଦିନେ ହେଲେ ବି ସେ ଦୀନା ନା ଧରି ନାହିଁ । ଭୁଲ୍‌ରେ ବି । ଏଇ ବିନ୍ଦୁ ।

ମୁଁ କଥା ଉଠେଇଲେ ସେ ଗମ୍ଭୀର ହେଇଯାଏ । ଯେମିତି କିଛି ଜାଣେ ନାହିଁ କି ଭୁଲିଗଲାଣି ସବୁ । କିନ୍ତୁ ସେ ଦୀନାକୁ ଭଲ ପାଉଥିଲା ମୁଁ ଜାଣେ । କାହିଁକି କେଜାଣି । ଏଟାର ତ *ଆଉଟ୍‌ଡ଼ୋର୍ ଆକ୍ଟିଭିଟି* କିଛି ନ ଥିଲା । *ସିମ୍ପଲଟନ୍*, ଗ୍ରନ୍ଥକୀଟ । ଯାହା କହିବ, ମା' କୁ ପଚାରେଁ, ମା' ମନା କରିଛି । ବାପ ଛେଉଣ୍ଡ ପିଲା ଟା ତ, ଗେହ୍ଲା, ସବୁ କଥାରେ ମା ମା ମା । ବାଇସ୍କୋପ୍ ଯିବା - ନା ମା' ମନା କରିଛି । ନଈକୂଳକୁ ଯିବା ? ରାତି ହେଇଯିବ, ମା' ମନା କରିଛି ରାତିରେ ବାହାରିବାକୁ । ପିକ୍‌ନିକ୍ ? ମା' କୁ ଲେଖିଛି, ସେ ହଁ କଲେ ଯିବି । *ଆଖିର୍* ମନା କରିଦେଲା କହିଲା - ମା' କୁ ପଚାରେ । କିରେ ତୁ ତ ଝିଅକୁ ଦେଖିଛୁ, ଝିଅକୁ ଟିଉସନ୍ କରିଛୁ, ତୋ ମନରେ କଣ ଢେଉ ଉଠି ନ ଥିବ ? ଗୋଟାଏ ହାତରେ ତାଳି ? ଏକା ବିନ୍ଦୁ ତୋତେ ଭଲ ପାଉଥିଲା ? ହାଇରେ ହତଭାଗା ଦୀନା, କେତେ ଯଉତୁକ ପାଇ ନ ଥାନ୍ତୁ, ରାୟ ବାହାଦୁରଙ୍କ ଝିଅ, ପୁଣି କଲେଜରେ ପଢୁଛି, ସୁଦରୀ, କେତୁଟା ସୁଦରୀ ଝିଅ ପାଠ ପଢୁଥିଲେ ସେତେବେଳେ । ଯେତକ ତାଡ଼କା ସୁପଣଖାଙ୍କୁ ବର ନ ମିଳେ ସେଇମାନେ ଯାଆନ୍ତି *ହାୟର ଏଜୁକେସନ୍* ପାଇଁ ।

ଓ *ଫାଷ୍ଟ ବେଲ୍* । ଯିବା, ଟିକଟ କରିବା, ଦୀନା କଣ ଟିକଟ କାଟି ସାରି ବଇଚି ? ପଚାରିବି ? ନା ଥାଉ । କାଳେ ହେଇ ନ ଥିବ, ଲୋକଟା ଯେମିତି ଥିଲା ସେମିତି, କିଛି ଟିକିଏ *ଚେଞ୍ଜ୍* ନାହିଁ, ବାଳ ଗୁଡ଼ାକ ଯାହା ପାଚିଯାଇଚି । ଚଷମା ଲଗେଇଛି । ଖାଲି ଆଖି ଟିକିଏ ପଶି ଗଲା ପରି ଲାଗୁଚି । କ୍ଲାସ୍ ପାଇପାରିଲା ନି, ସେକ୍ରେଟେରିଏଟ୍ କିରାନୀ, *ପ୍ରମୋସନ୍* ପାଇ ପାଇ ଅଣ୍ଡର ସେକ୍ରେଟେରୀଟାଏ ହେଇଥିବ *ରିଟାୟାର୍* କଲା ବେଳକୁ । ସେଇମିତି ଓଡ଼ିଆଟାଏ ରହିଛି । କିମିତ ପ୍ୟାଣ୍ଟ ଶାର୍ଟ ପିନ୍ଧିଛି ଦେଖ । ସବୁ ଢିଲା ଢିଲା । ଶସ୍ତା ସିଲେଇ, ରଦ୍ଦି *ଟେଲର୍* । କିରାନୀ ହେଲେ ରୁଚି ଚାଲି ଯାଏ । ସାର୍ କହିବା ଛଡ଼ା ଆଉ କିଛି ଜାଣନ୍ତି ନାହିଁ । କିନ୍ତୁ ଦୀନାଟା ଭଲ ପିଲା । ପୁଅଟା ଗୋଟାଏ ଭଲ *ସ୍କଲର୍* ଶୁଣିଛି । *ଲେକଚରର୍* ଫେକଚରର୍‌ଟା ହେଇଥିବ ଖୁବ୍ ବେଶି । ପୁଅଟା *କମ୍ପିଟିଟିଭ୍* ଦେଇଥିଲେ ଆମେ ଜାଣିନଥାନ୍ତୁ ?

*ବୁଟ୍‌ପଲିସ୍* । ନା ଦରକାର ନାହିଁ । ହଉ ଦବୁତ ଦେ, ପଚିସ ପଇସା ନ ହେଲେ ଯା । ଏ ଦୀନା ! ଡାକିଦେବି ଆଉ ! ନ ହେଲେ ନ ହେଉ । କଣ ଭାସିଯିବ । ଫାସି ଦେଇଦବ ମୋତେ ?

ଓ ଆପଣ ମିସେସ୍ ପାତ୍ର ? କି ପାତ୍ର କହିଲେ ? ଲିଲି ପାତ୍ର ? ଆପଣଙ୍କ କୁମାରୀ ନାମ ତ୍ରିପାଠୀ ଥିଲା ନା ? ହଁ ହଁ କୁମୁଦିନୀ ତ୍ରିପାଠୀ, ଠିକ୍ ମନେ ଅଛି, କେତୁଟା ବା ଝିଅ କଲେଜରେ ସେତେବେଳେ । ଗୋଟି ଗଣତା । ଭୁଲିଯିବି, କି କଥା ଇଏ ! ଆପଣଙ୍କ *ଏନ୍‌ଗେଜମେଣ୍ଟ* ପର୍ଯ୍ୟନ୍ତ ମୋର ମନେ ଅଛି । ଭୁଲିଯିବି ? ଅବଶ୍ୟ ମୁଁ ଆପଣଙ୍କୁ ପ୍ରେମ କରୁ ନ ଥିଲି । ହଁ ହଁ, ଆଚ୍ଛା ଆଚ୍ଛା ତ୍ରିପାଠୀ ନ ହେଲା ପାତ୍ର ହେଲେ । କୁମୁଦିନୀ କିପରି ଲିଲି ହେଲେ ? ଓ ଠିକ୍ ଠିକ୍ । ଯେମିତି ବାପା ସବୁ *ଡାଡି*, ମା ସବୁ *ମମି*, ପୁଅ ସବୁ *ସନି* ସେମିତି ନା' ! ବାସ୍ତବିକ ଆମେ କ୍ରମେ ସଭ୍ୟ ହେଇ ହେଇ ଚାଲିଚୁ ।

ଟଂ ଟଂ ଟଂ । ଓ ଗାଡ଼ି *ଆଉଟ୍* ହେଲା । ଯିବା ଟିକଟ କରିବା । ଆଚ୍ଛା ହଉ ଆପଣଙ୍କ ସାଙ୍ଗରେ ପରେ ଦେଖା ହେବ । ଆପଣଙ୍କର ମନେ ଅଛି ? ମୋ ସାଙ୍ଗରେ ଦୀନବନ୍ଧୁ ବୋଲି ଜଣେ ପଢୁଥିଲା ? ଅବଶ୍ୟ ଆମର *ଫୋର୍ଥ ଇୟର* ବେଳକୁ ଆପଣଙ୍କର *ଫାଷ୍ଟ ଇୟର୍* । ମନେ ଅଛି ? ଏ ସେଇ ନା ? ହେଇପାରେ । ମାଇପେ ତାକୁ ଗନ୍ଧଉଥିଲେ, ନାହିଁ ? ହା ହା ହା । ଜାଣନ୍ତି କି ? ସେ ରିଟାୟାର୍ କଲାଣି, ନା ? ତାର ଛଅ ପିଲା ? ସ୍ତ୍ରୀ ଅଛି ? ଦୁଇପୁଅ । ଗୋଟିଏ ଝିଅ, ଆଇ· ପି· ଏସ୍· କୁଆଇଁ । ଖୁବ୍ ଭଲ । ଦେଖନ୍ତୁ , ଆପଣ ଭଲ ପାଇ ବାହା ହେଲେ, ମୁଁ ଯାହାକୁ ମନ କରିଥିଲି ତାକୁ ପାଇଲି - ଆଉ ଏ ଦୀନା, ଜାଣିଛନ୍ତି ଯାହାକୁ ବର ବେଦୀ ଉପରେ ଛାଡ଼ି ଦେଇଗଲା ତାକୁଇ ବାହା ହେଇଛି । କଉଟା ଭଲ ?

ସବୁ ଏକା ? ଅନ୍ଧାରରେ ଖାଇଲେ ଯାହା, ଆଲୁଅରେ ଖାଇଲେ ସେଇୟା । ବାଃ ବାଃ ବାଃ - ହା ହା ହା ।

# ଓଡ଼ିଆ ସଂସ୍କୃତିରେ ଝୋଟିଚିତା

ହୃଦାନନ୍ଦ ପାଣିଗ୍ରାହୀ

କଳାନିପୁଣା ଓଡ଼ିଆ ନାରୀର ହାବଭାବ ଚାଲିଚଳନରେ କେତେ ରମଣୀୟ ଉତ୍କଳା କବିତା । ନିବିଡ଼ ପଲ୍ଲୀଟି ଭିତରେ ତା'ର କେତେ କଳ୍ପନା ଜଳ୍ପନା । ତା'ର ଚୂଲୀ ତିଆରି, ଚୁଞ୍ଚକନାରେ ଚୁଞ୍ଚଦିଆ, ମୁଣ୍ଡୁଳାକଟା, ଧାନକେଣ୍ଡାରେ ବେଣୀ ମୋଡ଼ିବାଠୁଁ ଆରମ୍ଭ କରି ରୁମାଲରେ ଫୁଲ ଫୁଟେଇବାଯାଏଁ ସବୁଠି ଥାଏ ଗୋଟେ କୁଶଳୀ ହାତର କଳାତ୍ମକ ଆଲୋଡ଼ନ । ପୁନେଇଁ ପରବରେ ସେ ନାନାଜାତିର ପିଠା ଗଢ଼େ । ଗଇଁଠାଗୁଡ଼ି, ସରୁ ଚକୁଳିଠୁଁ ଏଣ୍ଡୁରି ଓ ମଣ୍ଡା ପିଠାଯାଏଁ ତା'ର ଏ ଗଢ଼ଣ ସବୁ କେଡ଼େ ଚମତ୍କାର ସତରେ ! ତା'ର ଭାତବଢ଼ା ବି ବେଶ୍ କଳାତ୍ମକ । ଥାଳି ଭିତରେ ଭାତକୁ ଥାପି ଦେଉଳିଆ କରି ସଜାଡ଼ି ଦିଏ । ଲିପାପୋଛା ମାଟିକାନ୍ଥରେ, ଚଟାଣ ଉପରେ ଝୋଟିଚିତାର କବିତା ଲେଖେ । ଘର ଭିତରେ, ଦୁଆର ମୁହଁରେ କି କାନ୍ଥ ଉପରେ ମନକୁ ମନ କେତେ ଚିତ୍ର ଆଙ୍କେ । ବିଭିନ୍ନ ବୃକ୍ଷ, ଲତା, ପତ୍ର, ଫୁଲ, ଫଳ, ପଶୁ, ପକ୍ଷୀ, ଚାଷୋପକରଣ ଓ ଦେବାଦେବୀଙ୍କର ଚିତ୍ରର ଶୋଭା ଯେ କେହି ଦର୍ଶକ ମନକୁ ମୁଗ୍ଧ କରିଦିଏ । ଘରଦ୍ୱାର ବ୍ୟତୀତ ଅମାର, ବାଂକୁସ, ସିନ୍ଦୁକ, ଠାକୁର ଘର, ତଉଁରାମୂଳ, ଧାନ ବଦାଡ଼ି ବସିବା ସ୍ଥାନ ସବୁ ଏହି ଝୋଟିଚିତାରେ ମଣ୍ଡିତ ହୁଏ ।

ପ୍ରତ୍ୟେକ ଓଡ଼ିଆ ନାରୀ ଭିତରେ ଏହି ସୂକ୍ଷ୍ମ କଳାଟି ଅନୁଭବ୍ୟ । ଘରର ଝିଅ ବୋହୂମାନେ ନିଜ ଘରୁ କି ସାଇପଡ଼ିଶା ଘର ସ୍ତ୍ରୀ ଲୋକ ମାନଙ୍କ ଠାରୁ ଦେଖି ଶିଖି ଏ କଳାର ଅଭ୍ୟାସ କରିଥାନ୍ତି । ଏ ଚିତ୍ର ଆଙ୍କିବା ସକାଶେ କୌଣସି ସ୍କୁଲ ବା କଲେଜରୁ ତାଲିମ ନେବା ଲୋଡ଼ା ପଡ଼େ ନାହିଁ କି *ସାର୍ଟିଫିକେଟ୍* ହାସଲ କରିବା ଆବଶ୍ୟକ ପଡ଼େ ନାହିଁ । ମନକୁ ମନ ଏମିତି ଚିତା ଆଙ୍କୁ ଆଙ୍କୁ ତାହା ଗୋଟେ ଅଭ୍ୟାସରେ ପଡ଼ିଯାଏ । ଏ ଚିତ୍ର ଆଙ୍କିବା ପାଇଁ ବେଶୀ ଅର୍ଥ ବି ଲୋଡ଼ା ପଡ଼େ ନାହିଁ । ଅରୁଆ ଚାଉଳ ଚୁରି ଭିଜା ଯାଇ ତାକୁ ପାଣି ସହିତ ବଟାଯାଏ । ଧୋବ ଫରଫର ପିଠଉ ପାଣିରେ ଆଙ୍ଗୁଠିରେ ସେ ଚିତ୍ର କାଟେ । ପରିଷ୍କାର ମାଟିକାନ୍ଥ କି ଚଟାଣ ଉପରେ ଖଣ୍ଡେ ସରୁକନାରେ ପାଣିଆ ପିଠଉ ବୋଳି ଚିତ୍ର ଅଙ୍କନ କରେ । କେତେକ ସ୍ଥଳରେ ଅଗ ଚେଛା ହୋଇଥିବା ଛୋଟିଆ କାଠି ଖଣ୍ଡିକୁ ବୁଡ଼ି କରି ଚିତ୍ର ରଚନା କରେ । ତା'ଛଡ଼ା ଚୂନ ଧଉଳା କାନ୍ଥରେ ହଳଦୀ ପାଣି କି ଛାଉ ପାଣିରେ ଛୋଟ ଛୋଟ ଟିପା ଦିଏ । ଏ ସବୁ ସହିତ ଚୂନା ଅକ୍ଷତ (ଅରୁଆ ଚାଉଳ), ହଳଦୀ ଚୁରା ଓ ପୋଡ଼ା ଇଟାଗୁଣ୍ଡି କିମ୍ବା ସଢ଼େଇର ଅଙ୍ଗାର ଚୂର୍ଣ୍ଣରେ ଭୂଇଁ ଉପରେ ଏହିସବୁ ନାନାବର୍ଣ୍ଣୀ ମୁରୁଜ ପକାଇ ତା'ର କଳ୍ପନାକୁ ଜୀବନ୍ୟାସ ଦିଏ । ଏବେ ଚିତାଲେଖିକା ମାନେ ବିଭିନ୍ନ ପ୍ରକାର ରଙ୍ଗ ବ୍ୟବହାର କରୁଥିବାର ଦେଖାଯାଉଛି ।

ଓଡ଼ିଶାର ଆଦିବାସୀ ରମଣୀ ମାନେ ମଧ୍ଯ ତାଙ୍କ ରଙ୍ଗମାଟିରେ ଲିପା କାନ୍ଥ ମାନଙ୍କରେ ନାନା ରଙ୍ଗର ଚିତ୍ର କରିଥାନ୍ତି । ବିଭିନ୍ନ ପଶୁ, ପକ୍ଷୀ, ଲତା ଓ ଫୁଲର ଛବିରେ ସେମାନଙ୍କ ଘରର କାନ୍ଥ ସଜାଯାଇ ଥାଏ । ଗଭୀର ନିଷ୍ଠାରେ ଅଙ୍କାଯାଇଥିବା ଚିତ୍ର ଗୁଡ଼ିକ ନୁଆଁଣିଆ ଘରକୁ ବେଶ୍ ମାନେ । ସେମାନଙ୍କ ଝୋଟି ଚିତ୍ରରେ ତାଙ୍କ ସଂସ୍କୃତି ପରମ୍ପରାର ବୈଶିଷ୍ଟ୍ୟ ଫୁଟି ଉଠିଥାଏ ।

ଆମ ସଂସ୍କୃତିରେ କଳାନୁରାଗିଣୀ ନାରୀର ଝୋଟିଚିତା ଘରେ ଘରେ ବିରାଜିତ । ଐଶ୍ୱର୍ଯ୍ୟବତୀ ନାରୀର କୋଠା ଘରଠୁଁ ଆରମ୍ଭ କରି ଧନହୀନା ନାରୀର ଭଙ୍ଗା କୁଡ଼ିଆ ଘର, ସବୁଠି ଏ ଚିତାଲେଖା । ଏଗୁଡ଼ିକ ବେଶ୍ ସୁଦୃଶ୍ୟ ଓ ଚିତ୍ତାକର୍ଷକ । ଏଥିରୁ ଝିଅ ବୋହୂ ମାନଙ୍କ ରୁଚିବୋଧ

ଆପେ ଆପେ ବାରି ହୋଇ ପଡ଼େ । ଓଡ଼ିଆ ଗୃହିଣୀ ତା'ର ଏହି ମନୋରମ ଚିତ୍ରକଳାରେ ସମସ୍ତଙ୍କୁ ଚମତ୍କୃତ କରିଦିଏ । ଆମର କୁଳୀନ ପ୍ରଥା ଅଛି : ଝିଅଟି ବୋହୂ ହୋଇ ଘରକୁ ଆସିଲେ ତାକୁ ସବାରୀରୁ ଓହ୍ଲେଇ ପ୍ରଥମେ ଘରର ଇଷାଣକୋଣକୁ ନିଅନ୍ତି । ପ୍ରଥମେ ସେ ସେଠି ଇଷାଣ କୋଣରେ ଝୋଟି ଦେଇ ଇଷ୍ଟ ଦେବତାଙ୍କୁ ଆବାହନ କରେ ।

ବାପଘର ଛାଡ଼ି ଶାଶୁଘରକୁ ଯାଉଥିବା ଝିଅ ତା'ପଛରେ ଏହି ଝୋଟିଚିତାର ସ୍ମୃତି ଛାଡ଼ି ଦେଇଯାଏ । ଝିଅଟି ଘର କାନ୍ଥରେ ଯେଉଁ ଚିତା ଆଙ୍କି ଯାଇଥାଏ, ସେଇ ସ୍ମୃତିକୁ ଭାଳି ହୁଅନ୍ତି ତା'ର ବାପ, ମା, ଭାଇ, ଭଉଣୀ, ସାଇପଡ଼ିଶା ସଭିଏଁ ।

ଆମ ସଂସ୍କୃତିରେ ବିଭାଘର, ବ୍ରତଘର ମାନଙ୍କରେ ଘରର କାନ୍ଥ ମାନଙ୍କରେ ଅନୁକୂଳ ଚିତାଲେଖା ବିଧି ରହିଛି । ମାଟି କାନ୍ଥ ଗୁଡ଼ିକ ଏ ସମୟରେ ବିଶେଷ ଚିତ୍ର ସମ୍ବଳିତ ହୋଇ ପଡ଼ନ୍ତି । ବିଭାଘର ଉତ୍ସବରେ କାନ୍ଥ ମାନଙ୍କରେ କନ୍ୟା, ସବାରୀ, ପାଲିଙ୍କି, କଦଳୀ ଗଛ, କଳସ, ଦଧିମାଛ ଭାର ଓ ବିଭିନ୍ନ ପ୍ରକାରର ଚିତ୍ର ଲେଖାଯାଏ । କେତେକ କ୍ଷେତ୍ରରେ କାନ୍ଥରେ ଚୂନ ଲିପାଯାଇ ତାଉପରେ ଏହି ଚିତା ଲେଖାଯାଏ । ପିଠଉପାଣି ବୋଳା କନାରେ ଛାପ ଦିଆଯାଇ ସେଥିରେ ମଝିରେ ମଝିରେ ସବୁ ଟିପା ଚିହ୍ନ ଦିଆଯାଏ । ବ୍ରତଘର ମାନଙ୍କରେ ସେହିପରି କାନ୍ଥରେ ପିଠଉପାଣି ସରସର କନାରେ ଛାପ ସବୁ ଦେଇ ତାଉର ଟିପା ଲେଖାଯାଏ ।

ପ୍ରତିଟି ଶୁଭ କାମରେ ଏହିପରି ଝୋଟିଚିତାର ଆବଶ୍ୟକ ପଡ଼ିଥାଏ । ସାଧାରଣତଃ ଶୁଭ କାମରେ କେହି ଘରୁ ବାହାରି ଯିବା ବେଳେ କଳସ ବସାଇବାର ବିଧି ଆମ ସଂସ୍କୃତିରେ ପରିଦୃଷ୍ଟ ହୁଏ । ପ୍ରଥମେ ଚିତା ଲେଖି ଏହି ଶୁଭ କଳସକୁ ତା'ଉପରେ ସ୍ଥାପନା କରାଯିବାର ନିୟମ ରହିଛି ।

ଦଶହରା ପୂଜା ବେଳେ ଦୁର୍ଗତିନାଶିନୀ ଦୁର୍ଗାଙ୍କ ଆବାହନ ପାଇଁ ଚିତା ଲେଖାଯାଏ ଯାହା କି ଦେଖିବାକୁ ଖୁବ୍ ସୁନ୍ଦର, ଲୋଭନୀୟ ଓ ମନୋରମ । ବିଭିନ୍ନ ପର୍ବପର୍ବାଣୀ ଓଷାବ୍ରତ ମାନଙ୍କରେ ଚିତ୍ରର ନାନାଦି ଭଙ୍ଗିମାରେ ଜୁଡ଼ିଆ ବାଙ୍ମୟ ହୋଇଉଠେ ।

ଭାରତୀୟ ସଂସ୍କୃତିର ପବିତ୍ରତା ଏହି ଝୋଟିଚିତାରେ ସଂରକ୍ଷିତ । ମାଣବସା ବେଳେ ନାରୀମାନେ ପବିତ୍ର ଚିତ୍ତରେ ମନଧ୍ୟାନ ଦେଇ ଏହି ପରିମଳ ଝୋଟି ଲେଖି ଘରର ଐଶ୍ୱର୍ଯ୍ୟ ବୃଦ୍ଧି ନିମନ୍ତ କାମନା କରିଥାଆନ୍ତି । ଓଡ଼ିଆଣୀ ବୋହୂ ମଗୁଶିର ମାସ ପ୍ରତି ଗୁରୁବାର ଘର ଦୁଆରେ ଚିତା ଲେଖେ । ଏଥିପାଇଁ ପହିଲୁ ସେ ଘର ବାହାର ଲିପି ପୋଛି ପରିଷ୍କାର ପରିଚ୍ଛନ୍ନ କରେ । ଦୁଆର ମୁହଁରୁ ଧାନ ଅମାର ଯାଏଁ ସବୁଠି ଆରାଧ୍ୟା ଲକ୍ଷ୍ମୀ ଦେବୀଙ୍କ ପଦ୍ମ ପାଦ ଆଙ୍କେ । ଲକ୍ଷ୍ମୀ ପଦ୍ମାଳୟା । ପଦ୍ମଫୁଲରେ ଲକ୍ଷ୍ମୀଙ୍କର ଶରଧା । ସେହି ହେତୁରୁ ସେ ପଦ୍ମଫୁଲର ଚିତ୍ର କରି ତାଙ୍କର ଆବାହନ କରେ । ପଦ୍ମ ପାଖୁଡ଼ାରେ କୋଠି ତିଆରି କରେ । ସେ ଭାବେ, ପଦ୍ମର ଚିତ୍ର ଦେଖି ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ଘର ଭିତରକୁ ଆସନ୍ତି । ଏ କ୍ଷେତ୍ରରେ ଶ୍ରୀୟା ଚଣ୍ଡାଳୁଣୀ କାହାଣୀ କାହାକୁ ବା ଅଜଣା ?

ବୁଧବାର ଦିନ ରାତିରୁ ସ୍ତ୍ରୀ ଲୋକମାନେ ଉଠି ଘରଦ୍ୱାର ପରିଷ୍କାର କରି ଘରଟି ଭିତରେ ବିଭିନ୍ନ ଯାଗାରେ ଝୋଟି ଚିତା ଦେଇଥାନ୍ତି । ଗୁରୁବାର ଦିନ ବଡ଼ି ସକାଳୁ ଏହି ଗୃହିଣୀ ମାନେ ସ୍ନାନ କରି, ଶୌଚ ହୋଇ, ମାଣ ଉପରେ ଧଳା ଧାନ ଦେଇ ଓ ଧାନକେଣ୍ଡାର ବେଣୀ କରି ନୂଆ ଛିଟ କନାରେ ଓଢ଼ଣା ପିନ୍ଧା ବଧୂଟିଏ କରି ତା'ର ପୂଜା ଆରାଧନା କରି ଗୃହର ଶ୍ରୀ ଓ ସମୃଦ୍ଧି ମନାସି ଥାନ୍ତି । ଏହା ବ୍ୟତୀତ କେତେକ ସଂକ୍ରାନ୍ତି, ଓଷା ଓ ପୁନେଇ ପର୍ବରେ ମଧ୍ୟ ଏ ଚିତା ଅଙ୍କା ବାଦ୍ ପଡ଼େ ନାହିଁ ।

ଗ୍ରାମାଞ୍ଚଳରେ ଏହି ଝୋଟି ଚିତାର ମନମୁଗ୍ଧକର ଦୃଶ୍ୟ ବହୁ କବି, ଲେଖକ, ଭାବୁକଙ୍କ ମନରେ ଭାବାନ୍ତର ସୃଷ୍ଟି କରିଛି । ଖୁସିର କଥା, ଆଜି ଶିକ୍ଷିତା ସ୍ତ୍ରୀ ଲୋକ ମାନଙ୍କର ଝୋଟିଚିତା ପ୍ରତି ଅନୁରାଗ ବଢ଼ିଛି । ବିଭିନ୍ନ ସ୍ଥାନରେ ଆଜିକାଲି ଝୋଟିଚିତା ପ୍ରତିଯୋଗିତା କରାଯାଉଛି । ସ୍କୁଲ କଲେଜର ଉତ୍ସବ ମାନଙ୍କରେ ଝୋଟିଚିତା ପ୍ରତିଯୋଗିତାରେ ସେମାନେ ଆଗ୍ରହ ପ୍ରଣୋଦିତ ହୋଇ ଭାଗ ନେଉଛନ୍ତି । ସ୍ୱିଡେନରେ ୧୯୮୫ ମସିହାରେ ଯେଉଁ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା, ସେଥିରେ ଏହି ଝୋଟିଚିତା ପ୍ରଦର୍ଶନୀଟି ସ୍ୱିଡେନର ଦର୍ଶକ ମାନଙ୍କ ଭିତରେ ଏକ ଉତ୍ସାହପ୍ରଦ ଆଗ୍ରହ ସୃଷ୍ଟି କରିଥିଲା । ଓଡ଼ିଶାରୁ ଶ୍ୱେତପଦ୍ମା ମହାପାତ୍ର ପ୍ରଥମ କରି ସେଠାରେ ଏହି ଝୋଟିଚିତା ପ୍ରଦର୍ଶନ କରିଥିଲେ । ଏହା ପ୍ରକୃତରେ କମ୍ ଗୌରବର କଥା ନୁହେଁ ।

# The Ananda Fund

The Ananda Fund, based in Fresno, California, has been sponsoring an annual essay competition in Orissa in honour of Dr. Mayadhar Mansinha since 1974. The essay by Asis Kumar Rout was adjudged as best in the 1986 competition. In a sense it is fitting that the essay be published for the first time in a Journal published by the Orissa Society of America.

The essay competition is but a minor part of the activities of the Ananda Fund. Since 1961 over 2000 scholarships have been awarded in Orissa, enabling a large number of young people to finish high school. In Orissa the fund is administered by Prof.Surya K. Das. In his words *'Children of fishermen,bicycle repairers, landless labourers, peddlers, cowherds, peons, hermits, village priests, carpenters, retired employees of the railways, and porters have enjoyed Ananda scholarships.*

The Ananda Fund welcomes additional support. The address is: The Ananda Fund, Fresno Free College Foundation, P.O. Box 4364, Fresno, CA 93744, (209) 233-2221/487-2270.

*With Best Wishes and Compliments to*

*OSA - MICHIGAN CHAPTER*

PACESETTER MEDICAL SYSTEMS, INC.
1158 South Main Street
Plymouth, MI 48170
(313) 459-1370

Bill Brieger

**President**

# ମାନସିଂହଙ୍କ କାବ୍ୟ-ନାଟିକା - ସୃଷ୍ଟି ଓ ସଙ୍କେତ

*ଆଶିଷ କୁମାର ରାଉତ*

## ଭୂମିକା

ମାନସିଂହ ସାହିତ୍ୟର ଦିଗନ୍ତ ବିସ୍ତାରୀ ତରୁଚ୍ଛାୟା ତଳେ ପାଠକଗୋଷ୍ଠୀ ଯେତେବେଳେ ନିଜର ତୃଷା ମେଣ୍ଟାଇବା ନିମନ୍ତେ ଆଶ୍ରୟ ନେଇଥାଏ, କେତେବେଳେ ସେ କବିହୃଦର ଅପୂର୍ବ ଭାବୋଲ୍ଲାସରେ ନିମଗ୍ନ ହୁଏତ କେତେବେଳେ ପ୍ରାବନ୍ଧିକର ସ୍ପର୍ଶରେ ଜ୍ଞାନାଲୋକକୁ ଉଦ୍‌ଜୀବିତ କରେ ପୁନଶ୍ଚ କେତେବେଳେ ଜଣେ ନାଟ୍ୟକାରର ସୁଗନ୍ଧବାହୀ କସ୍ତୁରୀର ଅନ୍ବେଷଣରେ ପାଗଳଭଳି ବିଚରଣ କରେ । ଓଡ଼ିଆ ନାଟ୍ୟ ସାହିତ୍ୟର ଇତିହାସରେ ଡଃ ମାୟାଧର ମାନସିଂହଙ୍କୁ ଜଣେ ନାଟ୍ୟକାର ଭାବେ ପରିଗଣିତ କରିବାକୁ କୁଣ୍ଠାବୋଧ କରୁଥିବା ସମାଲୋଚକଗଣ କେବେ ଭୁଲିଯିବା ଉଚିତ ନୁହେଁ ଯେ ଆଧୁନିକ ଯୁଗରେ ମାନସିଂହହିଁ ସର୍ବ ପ୍ରଥମେ ଉକ୍ତ କସ୍ତୁରୀର (କାବ୍ୟ-ନାଟିକା) ସନ୍ଧାନ ପାଠକ ଓ ଦର୍ଶକ ଗୋଷ୍ଠୀଙ୍କୁ ଦେଇଥିଲେ ।

ଓଡ଼ିଆ ସାହିତ୍ୟର ଏକ ନବୀନତମ ଅଙ୍ଗଭାବେ କାବ୍ୟ-ନାଟିକାକୁ ଗ୍ରହଣ କରାଯାଇପାରେ । କବି-ନାଟ୍ୟକାର ଡଃ ମାୟାଧର ମାନସିଂହ ପ୍ରାଚ୍ୟ ଓ ପାଶ୍ଚାତ୍ୟ କବି-ନାଟ୍ୟକାରମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଏ ପ୍ରକାର ସୃଷ୍ଟିଶୀଳତାରେ ନିଜକୁ ନିୟୋଜିତ କରିଥିବାର ଜଣାପାଏ । ଏ କ୍ଷେତ୍ରରେ ଅଧ୍ୟାପକ ଶ୍ରୀଚରଣ ମହାନ୍ତିଙ୍କ ବକ୍ତବ୍ୟ ଗ୍ରହଣୀୟ :- "ପରବର୍ତ୍ତୀ କାଳରେ ସଂସ୍କୃତ ନାଟକ ଓ ଇଂରାଜୀ ନାଟକର ବ୍ୟାପକ ଅଧ୍ୟୟନ ତାଙ୍କୁ ନାଟକ ରଚନାରେ ପ୍ରେରଣା ଯୋଗାଇଥିଲା । ସେକ୍‌ସ୍‌ପିୟର, ଜର୍ଜ ବର୍ଣ୍ଣାଡଶ, ଇବସନ୍, ଇୟେଟସ୍ ପ୍ରଭୃତିଙ୍କ ନାଟକ ସେ ଅଧ୍ୟୟନ କରିଥିଲେ । ସେ ସମୟକୁ ଓଡ଼ିଆରେ କେତେକ ନାଟକ ରଚିତ ହୋଇ ଅଭିନୀତ ହୋଇଥାଏ । ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଓ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ପ୍ରଭୃତି ସଂସ୍କୃତ ନାଟକ ଓଡ଼ିଆରେ ଅନୁବାଦ କରିଥାଆନ୍ତି । ଏହି ସବୁ ପରିବେଶ ଓ ପରିସ୍ଥିତିରେ ମାନସିଂହ ନାଟକ ଲେଖିବାକୁ ଆରମ୍ଭ କଲେ ।" ...... (୧)

ସ୍ୱୟଂ ମାନସିଂହ ତାଙ୍କ 'ନଷ୍ଟନୀଡ଼' (୧୯୩୮) ନାଟକର ଭୂମିକାରେ କହିଛନ୍ତି :- "ଆମେ ସେତେବେଳକୁ ଇଂରାଜୀରେ ବର୍ଣ୍ଣିତଶ, ଇବସେନ୍‌ଙ୍କ ନାଟକ ପଢ଼ିଲୁଣି । ତେଣୁ ଆମେ ଚାହୁଁଥିଲୁ ଯେ ଓଡ଼ିଶାର ରଙ୍ଗମଞ୍ଚରେ ସେହିପରି ନାଟକସବୁ ଆବିର୍ଭାବ ହେଉ ।" ...... (୨)

ମାନସିଂହ ପାଶ୍ଚାତ୍ୟ ନାଟକମାନଙ୍କରେ ଅବଗାହନ କରିଥିବା କଥା ଏଥିରୁ ସୁସ୍ପଷ୍ଟ । ସମଗ୍ର ପୃଥିବୀରେ ପରିଚିତ ନାଟ୍ୟକାରଗଣ ଯଥା :- ସେକ୍‌ସପିୟର୍, ମାର୍ଲୋ, କାଳିଦାସ, ଭାସ, ଭବଭୂତି ଓ ରବୀନ୍ଦ୍ରନାଥ ସର୍ବ ପ୍ରଥମେ କବି ଓ ପରେ ନାଟ୍ୟକାର । ତେଣୁ ତାଙ୍କର କବିତ୍ୱକୁ ନାଟକଠାରୁ ଅଲଗା କରାଯାଇପାରିବ ନାହିଁ । ଡଃ ମାନସିଂହ ଠିକ୍ ଏହିପରି ଏକ ପରିବେଶ ଓ ପରିସ୍ଥିତିରେ ଜନ୍ମଲାଭ କରିଥିବା କବି-ନାଟ୍ୟକାର । ତାଙ୍କ ସୃଷ୍ଟି ନାଟକ ମଧ୍ୟରେ କବିତ୍ୱଭାବ ସର୍ବତ୍ର କ୍ରିୟାଶୀଳ । ଆଲୋଚନାର ସୁବିଧା ଓ ଧାରାବାହିକତା ଦୃଷ୍ଟିରୁ ସମଗ୍ର ପ୍ରବନ୍ଧଟିକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ପ୍ରଥମ ପର୍ଯ୍ୟାୟରେ କାବ୍ୟ-ନାଟିକାର ସଂଜ୍ଞା, ସୃଷ୍ଟି, ବିକାଶ, ବୈଶିଷ୍ଟ୍ୟ, ସ୍ୱାତନ୍ତ୍ର୍ୟ ଓ ମାନସିଂହଙ୍କ କାବ୍ୟ-ନାଟିକା ଉପରେ ସମ୍ୟକ୍ ପ୍ରାଗ୍‌ଭାଷ ଓ ପର ପର୍ଯ୍ୟାୟରେ ମାନସିଂହଙ୍କ ପ୍ରକୃତ କାବ୍ୟ-ନାଟିକା ମଧ୍ୟରେ ଥିବା ବିଭିନ୍ନ ଦିଗ ବା ସଙ୍କେତରାଜିକୁ ଦର୍ଶେଇ ଦିଆଗଲା ।

## ଆଲୋଚନାର ପ୍ରଥମ ପର୍ଯ୍ୟାୟ

ମନୁଷ୍ୟର ଅନୁସନ୍ଧିତ୍ସୁମନ ସର୍ବଦା ସନ୍ଧାନର ଲକ୍ଷ୍ୟରେ । ନିଜର ଧାରଣାକୁ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବା ସକାଶେ ଓ ଅନ୍ୟର ଧାରଣାକୁ ନିଜର କରିବା ପାଇଁ ସେ ଅହରହ ଯତ୍ନବାନ । କାବ୍ୟ-ନାଟିକା ବିଷୟକ ଆଲୋଚନା ପୂର୍ବରୁ କାବ୍ୟ-ନାଟକ ଓ କାବ୍ୟ-ନାଟିକା ମଧ୍ୟରେ ଥିବା ସ୍ଥୂଳ ପାର୍ଥକ୍ୟକୁ ଜାଣିବା ନିହାତି ଆବଶ୍ୟକ । ଏତିକି କହିଲେ ଯଥେଷ୍ଟ ହେବ ଯେ କାବ୍ୟ-ନାଟକର ଏକ ସଂକ୍ଷିପ୍ତ ରୂପ ହେଉଛି କାବ୍ୟ-ନାଟିକା । ଏହା ଇଂରାଜୀ **'Poetic Drama'** ର ପରିଭାଷା ।

**୧ - କାବ୍ୟ-ନାଟିକା କ'ଣ ଓ କାହିଁକି :-**

କାବ୍ୟ-ନାଟିକା ସମ୍ବନ୍ଧେ ବହୁ ଆଲୋଚନା ଓ ସମାଲୋଚନା ପାଶ୍ଚାତ୍ୟ ତଥା ପ୍ରାନ୍ତୀୟ ସାହିତ୍ୟ ମାନଙ୍କରେ ବିଶିଷ୍ଟ ସାହିତ୍ୟିକମାନଙ୍କ ଦ୍ୱାରା ଆଲୋଚିତ ଓ ସମାଲୋଚିତ ହୋଇଛି । ତେବେ କେତେକ ନିର୍ଦ୍ଦିଷ୍ଟ ସୁସମାଲୋଚକଙ୍କ ମୂଲ୍ୟବାନ ମତଗୁଡ଼ିକୁ ଏଠାରେ ଉଦ୍ଧାର କରାଗଲା ।

(୧) ଅକ୍‌ସ୍‌ଫୋର୍ଡ କମ୍ପାନିୟନ୍ ଡିକ୍‌ସ୍‌ନାରୀ କାବ୍ୟ-ନାଟିକା ଉପରେ କହେ :-

"Poetic Drama, a term applied to plays written in verse or in a hightened, 'Poetic' form of prose, which in the 19th and 20th Centuries constituted an attempt to restore the medium of poetry to the stage."

........ (୩)

(୨) ପ୍ରସିଦ୍ଧ କବି ଓ ସମାଲୋଚକ ଏବରକ୍ରୋମ୍ବିଙ୍କ ମତରେ :-

"A Poetic play is not a play that might have been written in prose, but appears to have been written in poetry".

....... (୪)

(୩) ବିଶିଷ୍ଟ ସମାଲୋଚକ କୋନ୍‌ସ୍ ଯଥାର୍ଥରେ କାବ୍ୟ-ନାଟିକାର ଆଦର୍ଶ ଉପରେ ମତଦେଇ କହିଛନ୍ତି : -

"The greatest examples of drama are poetic drama, and the highest schools of drama are and must ever be schools of Poetic drama."

...... (୫)

(୪) ସୁନାମଧନ୍ୟ ହିନ୍ଦୀ ସମାଲୋଚକ ଡଃ ଶିବ ଶଙ୍କର ଜଟାଇଙ୍କ ମତରେ :- "*କାବ୍ୟ-ନାଟକ ଶବ୍ଦ ସେ ଐସା ପ୍ରତୀତ ହୋତା ହେ, କୈସେ କାବ୍ୟ ଔର ନାଟକ କି ସନ୍ଧି କରକେ ୟହ ନାମ ଦିୟା ଗୟା ହେ ।*" ...... (୬)

(୫) ବିଶିଷ୍ଟ ବଙ୍ଗଳା ସମାଲୋଚକ ଆଦିତ୍ୟ ଓହଦେଦାରଙ୍କ କାବ୍ୟ-ନାଟକ ଉପରେ ମତ ହେଲା :- "*ମାନୁଷେର ମନ ଯଖନ ଆବେଗ ପୂର୍ଣ୍ଣ ହୟ ତଖନ କଥା କାବ୍ୟ ହୟ, ଛନ୍ଦୋମୟୀ ହୟ, ସୁତରାଂ ଆବେଗେର ଘାତପ୍ରତିଘାତ କାବ୍ୟ ଓ ନାଟ୍ୟକେ ଏକାତ୍ମା କରିତେ ସକ୍ଷମ ହତେ ପାରେ, ଏବଂ କାବ୍ୟ ଓ ନାଟ୍ୟେର ଏକାତ୍ମଇ ହଲ କାବ୍ୟନାଟ୍ୟ ।*" ...... (୭)

(୬) ଡଃ ନିତ୍ୟାନନ୍ଦ ଶତପଥୀ ତାଙ୍କ ଆଧୁନିକ ଓଡ଼ିଆ ସାହିତ୍ୟ ପୁସ୍ତକରେ ଗୀତାଭିନୟ ଓ କାବ୍ୟ-ନାଟିକା ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶେଇ କାବ୍ୟ-ନାଟିକା ସମ୍ପର୍କରେ ମତବ୍ୟକ୍ତକରି କହନ୍ତି :- "କିନ୍ତୁ କାବ୍ୟ-ନାଟିକା ମାନଙ୍କରେ ଏକ ଅଖଣ୍ଡ କାବ୍ୟିକ ସତ୍ତା

ଅନୁଭୂତ ହୁଏ ।" ...... (୮)

ଉପରୋକ୍ତ ମତଗୁଡ଼ିକୁ ବିଶ୍ଳେଷଣ କରି ଦେଖିଲେ ଜଣାପଡ଼େ ଯେ କାବ୍ୟ-ନାଟିକାର ମୂଳ ଭାବବସ୍ତୁଟି ହେଉଛି କବିତା ବା କାବ୍ୟ । ଏହା ନାଟିକାର ଛତ୍ରେ ଛତ୍ରେ ପ୍ରତିଧ୍ୱନିତ ହୋଇଥାଏ । ନାଟ୍ୟକାରଙ୍କ କବିତ୍ୱକୁ ନାଟକଠାରୁ କେବେ ଭିନ୍ନ ଭାବେ ବିଚାର କରା ନ ଯାଇପାରେ । ସାଧାରଣତଃ କବିମାନେ ହିଁ କାବ୍ୟ-ନାଟିକା ରଚନା କରିଥାଆନ୍ତି । ପୃଥିବୀର ପ୍ରସିଦ୍ଧ ନାଟ୍ୟକାରମାନଙ୍କ ନାଟକର କାବ୍ୟିକତାକୁ ଉପେକ୍ଷା କରି ତାଙ୍କ ନାଟକୀୟତାକୁ ସ୍ୱତନ୍ତ୍ରଭାବେ ମର୍ଯ୍ୟାଦା ଦିଆଯାଇପାରିବ ନାହିଁ, କାରଣ ସେମାନେ ପ୍ରଥମେ ହିଁ କବି ଓ ପରେ ନାଟ୍ୟକାର।

କବି କଳ୍ପଲୋକର ଅଧିବାସୀ ହେବାକୁ ବେଶୀ ପସନ୍ଦ କରେ, କାରଣ ସେଠି ସେ ବିନା ନିର୍ବିଘ୍ନରେ ବିଚରଣ କରିପାରେ । ସେ ଯେତେବେଳେ ନାଟକ ଲେଖିବାକୁ ମନସ୍ଥ କରେ ଓ ଲେଖେ ସେତେବେଳେ କଳ୍ପଲୋକର ମାୟାକୁ ଏଡ଼େଇ ଚାଲିଯିବା ତା ପକ୍ଷେ ସମ୍ଭବ ହୁଏ ନାହିଁ । ତେଣୁ ଜଣେ ପ୍ରକୃତ ନାଟ୍ୟକାରର ଭୂମିକାକୁ ଭୁଲିଯାଇ କେବଳ କାବ୍ୟ, କବିତା ରୂପକ ନାଟକ ଲେଖିବସେ ଏବଂ ଯାହା ପ୍ରକୃତ ନାଟକ ନ ହୋଇ ପାଠ୍ୟନାଟ୍ୟ **(Closet play)** ହୋଇଯାଏ । କାବ୍ୟ-ନାଟିକା ସେଥି ସକାଶେ ମଞ୍ଚ ମୂଲ୍ୟ ହରାଇ କେବଳ ବୌଦ୍ଧିକ ପାଠକଗୋଷ୍ଠୀଙ୍କୁ ଆନନ୍ଦ ଦେଇଥାଏ । ଅବଶ୍ୟ ବହୁତ କମ୍ କାବ୍ୟ-ନାଟିକା ମଞ୍ଚ ମୂଲ୍ୟ ପାଇଥିବାର ଜଣାଯାଏ । ଅତଏବ କାବ୍ୟ-ନାଟିକା ମୁଖ୍ୟତଃ ବୌଦ୍ଧିକ ପାଠକଗୋଷ୍ଠୀଙ୍କ ଜ୍ଞାନାଲୋକାନନ୍ଦ ନିମନ୍ତେ ଅଭିପ୍ରେତ । ଓଡ଼ିଆ ନାଟ୍ୟ ସାହିତ୍ୟ କ୍ଷେତ୍ରରେ କାବ୍ୟ-ନାଟିକା ଏକ ନବିନ କଅଁଳ ପତ୍ର ସଦୃଶ । ଏହାର ଉନ୍ମେଷ ଓ ବିକାଶ ଜାଣିବା ନିହାତି ଆବଶ୍ୟକ, କାରଣ ଅତୀତକୁ ବାଦ୍‌ଦେଇ ବର୍ତ୍ତମାନକୁ ଚିନ୍ତା କରା ନ ଯାଇପାରେ ।

## ୨ - ଓଡ଼ିଆ କାବ୍ୟ-ନାଟିକାର ଉନ୍ମେଷ ଓ ବିକାଶ :-

ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ନାଟକ ଦ୍ୱାରା ମାନସିଂହ ପ୍ରଭାବିତ ହୋଇ କାବ୍ୟ-ନାଟିକାମାନ ରଚନା କରିଥିଲେ । ଓଡ଼ିଆ କାବ୍ୟ-ନାଟିକାର ଉନ୍ମେଷ ଓ ବିକାଶ ପର୍ବ ଦେଖାଇବା ପୂର୍ବରୁ ପାଶ୍ଚାତ୍ୟ କାବ୍ୟ-ନାଟିକା ସମ୍ପର୍କରେ ଆଲୋକପାତ କରିବାକୁ ଉଚିତ ମନେକଲି । ପ୍ରଧାନତଃ ଆୟାରଲ୍ୟାଣ୍ଡର ଲେଖକ ଗୋଷ୍ଠୀଙ୍କ ଦ୍ୱାରା ଇଂରାଜୀ ସାହିତ୍ୟର ଏକ ବିସ୍ମୃତ କାବ୍ୟ ରୂପଟି ଚଳିତ ଶତାବ୍ଦୀର ପ୍ରାରମ୍ଭରେ 'କାବ୍ୟ-ନାଟିକା' ଭାବେ ଜନପ୍ରିୟତା ଲାଭ କରିଥିଲା । ଆୟାରଲ୍ୟାଣ୍ଡର ନାଟ୍ୟକାରମାନଙ୍କ ମଧ୍ୟରୁ ଜେ· ଏମ୍· ସିଂକ୍ ଏ ବିଷୟରେ ପଥ ପ୍ରଦର୍ଶକ ଥିଲେ । ପରେ ପରେ ଡବ୍ଲ୍ୟୁ· ବି· ୟିଟସ୍, ସିନ୍ ଓ କ୍ୟାସି ପ୍ରଭୃତି କେତେକ କାବ୍ୟ-ନାଟିକା ରଚନା କରିଥିଲେ । ୧୯୩୦ ମସିହା ଆଡ଼କୁ ଟି· ଏସ୍· ଇଲିଅଟ୍, ଡବ୍ଲ୍ୟୁ· ଏଚ୍· ଅଡେନ୍, ଷ୍ଟିଫେନ୍ - ସ୍ପେଣ୍ଡର୍ ପ୍ରଭୃତି ପ୍ରୟୋଗମୂଳକ କାବ୍ୟ-ନାଟିକା ରଚନା କରିବା ଫଳରେ ଇଂରାଜୀ ସାହିତ୍ୟର ଉକ୍ତ ଦିଗଟି ସାଫଲ୍ୟ ଲାଭ କରିଥିଲା । ଇଲିଅଟ୍‌ଙ୍କ 'ମର୍ଡର୍ ଇନ୍ କ୍ୟାଥେଡ୍ରାଲ୍' (୧୯୩୫), 'ଫ୍ୟାମିଲି ରିୟୁନିଅନ' (୧୯୩୯) ତାହାର ପ୍ରକୃଷ୍ଟ ଉଦାହରଣ । ଆମେରିକାର କବି ୟୁଜିନ୍ ଓନିଲ୍ ମଧ୍ୟ ବହୁ କାବ୍ୟ-ନାଟିକା ରଚୟିତା ଭାବେ ପ୍ରସିଦ୍ଧ ।

ପାଶ୍ଚାତ୍ୟ କାବ୍ୟ-ନାଟିକାର ଉନ୍ମେଷ ପର୍ବ ଅବଜ୍ଞାତ ହେଲାପରେ ପ୍ରାଚ୍ୟ ଦିଗକୁ ଦୃଷ୍ଟି ନିକ୍ଷେପ କଲେ ଲୋକନାଟକ ମଧ୍ୟରେ କାବ୍ୟ-ନାଟିକାର ଅସ୍ତିତ୍ୱକୁ ଉପଲବ୍ଧି କରାଯାଇପାରେ । ଓଡ଼ିଆରେ କାବ୍ୟ-ନାଟିକା ସୃଷ୍ଟି ହେବାର ବହୁ ପୂର୍ବରୁ ଲୀଳା, ସୁଆଙ୍ଗ, ଗୀତାଭିନୟମାନ ରଚିତ ହୋଇଥିଲା । ପରବର୍ତ୍ତୀ ସମୟରେ ଲୋକନାଟିକା ଲିଖିତ ରୂପ ଲାଭ କଲା ଓ ବିଭିନ୍ନ ମେଳା, ମଉଚ୍ଛବ, ଯାତ୍ରାମାନଙ୍କରେ ଏହା ଅଭିନୀତ ହେବାକୁ ଲାଗିଲା । କାଳର କଷଟି ପଥରରେ ଏହା କ୍ରମଶଃ ପରୀକ୍ଷିତ ହୋଇ ଶେଷରେ ଗୀତିନାଟ୍ୟ ରୂପ ଲାଭ କଲା । ଗୀତିନାଟ୍ୟରେ ଗୀତ ଓ ଗଦ୍ୟ ଅଂଶ ସମାନ ଭାବେ ରହିଥାଏ ଓ ମଞ୍ଚସ୍ଥ ହେବାର ଲକ୍ଷ୍ୟ ନେଇ ଏହା ରଚିତ ହୋଇଥାଏ । ସର୍ବସାଧାରଣ ଏହାକୁ ବୁଝି ମନୋରଞ୍ଜନ କରିପାରୁଥିଲେ । ଠିକ୍ ପରେ ପରେ ବିଂଶ ଶତାବ୍ଦୀର ୨ୟ ଓ ୩ୟ ଦଶକରେ ଓଡ଼ିଆ ନାଟ୍ୟ ସାହିତ୍ୟରେ କାବ୍ୟ-ନାଟିକା ଏକ ନବୀନତମ କଳାଭାବେ ଆତ୍ମପ୍ରକାଶ କଲା । ସର୍ବ ପ୍ରଥମେ ପଦ୍ମଶ୍ରୀ କବି-ନାଟ୍ୟକାର ଡଃ ମାୟାଧର ମାନସିଂହ ଏ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଲେ । ସେ ଗୀତିନାଟ୍ୟରୁ ଗଦ୍ୟ ଅଂଶ ସମୂହକୁ ବାଦ ଦେଇ କାବ୍ୟାକାରରେ ବୌଦ୍ଧିକତା ପ୍ରବେଶ କରାଇଲେ ଓ ଗୀତିଧର୍ମକୁ ପରିତ୍ୟାଗକରି ଅମିତ୍ରାକ୍ଷର ଛନ୍ଦରେ **(Blank Verse)** କାବ୍ୟ-ନାଟିକାକୁ ମର୍ଯ୍ୟାଦା ଦେଲେ । ଗୀତିନାଟ୍ୟ ପାଶ୍ଚାତ୍ୟର ଆବହାଓ୍ୱାରେ କିପରି ପରିବର୍ତ୍ତିତ ହୋଇ

କାବ୍ୟ-ନାଟିକା ରୂପ ଧାରଣ କରିଛି, ସେ ସମ୍ବନ୍ଧରେ ଆମ୍ଭମାନଙ୍କ ମତକୁ ବଳିଷ୍ଠ କରି ସମାଲୋଚକ ରତ୍ନାକର ଚଇନି କହନ୍ତି :- "ମୋଟାମୋଟି ଭାବରେ ଏହାକୁ (କାବ୍ୟ-ନାଟିକା) ପ୍ରାଚ୍ୟ ଗୀତିନାଟ୍ୟ ନିଗଡରୁ ମୁକ୍ତ ହୋଇଥିବା ଏକ ପାଶ୍ଚାତ୍ୟ ଶୈଳୀର ଗୀତିନାଟ୍ୟ ବୋଲାଯାଇପାରେ ।" ....... (୯)

ଇତି ପୂର୍ବରୁ ଓଡ଼ିଶାର ପଡ଼ୋଶୀ ରାଜ୍ୟ ବଙ୍ଗଳାରେ ବିଶ୍ୱକବି ରବୀନ୍ଦ୍ର ନାଥ 'ଚିତ୍ରାଙ୍ଗଦା', 'ବିଦାୟ ଅଭିଶାପ', 'କର୍ଣ୍ଣକୁନ୍ତୀ ସମ୍ବାଦ', 'ଗାନ୍ଧାରୀର ଆବେଦନ', 'ସତୀ' ଏବଂ 'ନରକବାସ' ପ୍ରଭୃତି କାବ୍ୟ-ନାଟିକାମାନ ସୃଷ୍ଟି କରିଥିଲେ । ଡଃ ମାୟାଧର ମାନସିଂହ ତାଙ୍କ ଦ୍ୱାରା ପ୍ରଭାବିତ ହୋଇ କାବ୍ୟ-ନାଟିକାମାନ ସୃଷ୍ଟି କରିଥାଇ ପାରନ୍ତି । ଏଠାରେ ଡଃ ନିତ୍ୟାନନ୍ଦ ଶତପଥୀଙ୍କ ମତ ଉଲ୍ଲେଖ ଯୋଗ୍ୟ :- "ବିଷୟବସ୍ତୁ ଦୃଷ୍ଟିଭଙ୍ଗୀ, ଚରିତ୍ର ଚିତ୍ରଣ, ନାଟକୀୟ ସଂଘର୍ଷ ସବୁ ବିଷୟରେ ମାନସିଂହଙ୍କ 'ପୁଷ୍ପିତା', ରବୀନ୍ଦ୍ର ନାଥଙ୍କ 'ଚିତ୍ରାଙ୍ଗଦା' ଠାରୁ ଭିନ୍ନ କିନ୍ତୁ ଏକ ସାମାଜିକ ବିଷୟବସ୍ତୁରେ ଏହି ବିଦେହୀ ଚରିତ୍ରଗୁଡ଼ିକର ପରିକଳ୍ପନା ଏବଂ ତାହାରି ବର୍ଣ୍ଣନାରେ କବିଙ୍କର ଉନ୍ମୁଖତା କବିଙ୍କ ଉପରେ ରବୀନ୍ଦ୍ର ନାଥଙ୍କ 'ଚିତ୍ରାଙ୍ଗଦା'ର ମଦନ ଚରିତ୍ରର ପ୍ରଭାବର ସ୍ପଷ୍ଟ ସଙ୍କେତ ଦିଏ ।" ....... (୧୦)

ରବୀନ୍ଦ୍ର ନାଥଙ୍କ ଦ୍ୱାରା ଲିଖିତ କାବ୍ୟ-ନାଟିକା ସମୂହ ପୌରାଣିକ ବିଷୟବସ୍ତୁକୁ ନେଇ ରଚିତ । କିନ୍ତୁ ମାନସିଂହ ପୌରାଣିକ ନାଟିକା ରଚନା କ୍ଷେତ୍ରରୁ ନିଜକୁ ମୁକ୍ତ ରଖି ସାମାଜିକ, ଐତିହାସିକ କାବ୍ୟ-ନାଟିକାମାନ ରଚନାରେ ନିଜକୁ ନିୟୋଜିତ କଲେ ।

ପରେ ପରେ ଓଡ଼ିଆ ନାଟକ କ୍ଷେତ୍ରରେ ଡଃ ମାୟାଧର ମାନସିଂହଙ୍କୁ ଅନୁସରଣ କରି ବହୁ ନାଟ୍ୟକାରମାନେ କାବ୍ୟ-ନାଟିକାମାନ ରଚନା କରି ନାଟିକାର ବିକାଶଧାରାକୁ ସୁସ୍ପଷ୍ଟ କରିଛନ୍ତି । ଓଡ଼ିଆ ସାହିତ୍ୟ ରାଜ୍ୟରେ ପ୍ରଥମ କାବ୍ୟ-ନାଟିକାର ସ୍ରଷ୍ଟାଭାବେ ଡଃ ମାନସିଂହ ୧୯୨୫ ମସିହାରେ 'ରାଜକବି' ରଚନା କରିଥିଲେ ଓ ଏହା ୧୯୩୮ ମସିହାରେ ଆତ୍ମ ପ୍ରକାଶ କରିଥିଲା । ପରେ ପରେ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ କାବ୍ୟ-ନାଟିକା ସମୂହ ଯଥା :- 'ସୌମ୍ୟା' (୧୯୩୨), 'ପ୍ରିୟଦର୍ଶୀ' (୧୯୩୩), 'ପଦ୍ମିନୀ' (୧୯୩୩) ପ୍ରକାଶ ପାଇଲା । ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ଉପେକ୍ଷିତା', ରାଧାମୋହନ ଗଡ଼ନାୟକଙ୍କ 'କାଳିଦାସ' (୧୯୩୩ ରେ ରଚିତ, ୧୯୪୦ ରେ ପ୍ରକାଶିତ, କିନ୍ତୁ 'ପାଣ୍ଡୁ' କାବ୍ୟ-ନାଟିକାଟି ଏ ଅବଧି ମଧ୍ୟ ଅପ୍ରକାଶିତ), ପ୍ରାଣକୃଷ୍ଣ ସାମଲଙ୍କ 'କସ୍ତୁରିକା' (୧୯୪୭), ସଚ୍ଚିଦାନନ୍ଦ ରାଉତରାୟଙ୍କ 'ପୂର୍ଣ୍ଣିମା' (୧୯୩୨), 'ପୂର୍ବାପର' (୧୯୭୪), କୁଞ୍ଜବିହାରୀ ଦାସଙ୍କ 'ତାରଣିକା' (୧୯୫୭), ଜ୍ଞାନୀନ୍ଦ୍ର ବର୍ମାଙ୍କ 'ସ୍ୱର୍ଣ୍ଣ ଯୁଗର ସନ୍ଧ୍ୟା' (୧୯୫୭), 'ଜଳରେଇ ଫୁଲ' (୧୯୭୦), 'ବୋଲେ ହୁଁଟି' (୧୯୪୦), ବିନୋଦ ଚନ୍ଦ୍ର ନାୟକଙ୍କ 'ଚନ୍ଦ୍ର ଓ ତାରା' (୧୯୫୧) ଏବଂ ପୀତାମ୍ବର ପ୍ରଧାନଙ୍କ 'କଳିଙ୍ଗ କବି' (୧୯୭୭) ଆଦି କାବ୍ୟ-ନାଟିକାମାନ ଓଡ଼ିଆ ନାଟ୍ୟକ୍ଷେତ୍ରରେ ଏକ ଏକ କୀର୍ତ୍ତିସ୍ତମ୍ଭ । ଏ ସମସ୍ତ ସୃଷ୍ଟିର ସ୍ରଷ୍ଟା ପ୍ରଥମତଃ କବି ଓ ପରେ ନାଟ୍ୟକାର ।

**୩ - ଓଡ଼ିଆ କାବ୍ୟ-ନାଟିକାର ବୈଶିଷ୍ଟ୍ୟ ଓ ସ୍ୱାତନ୍ତ୍ର୍ୟ :-**

ଓଡ଼ିଆ କାବ୍ୟ-ନାଟିକାକୁ ପ୍ରାଚ୍ୟ ନିଗଡ଼ରୁ ମୁକ୍ତି ମିଳିବା ପରେ ତାହା ପାଶ୍ଚାତ୍ୟ ଶୈଳୀରେ ଅନୁରଣିତ ହୋଇ ନୂତନ ରଙ୍ଗ ଓ ରସରେ ନିଜକୁ ଆତ୍ମପ୍ରକାଶ କରି ଶିଖିଲା । ପ୍ରଥମେ ମାନସିଂହହିଁ ଏ କ୍ଷେତ୍ରରେ ନୂତନତ୍ୱ ଆନୟନ କରି ସଫଳ ସ୍ରଷ୍ଟା ଭାବେ ପ୍ରଶଂସିତ ହୁଅନ୍ତି । ପୌରାଣିକ ଉପାଖ୍ୟାନକୁ ଭିତ୍ତି କରି ଗଢ଼ିଉଠିଥିବା ନାଟିକାମାନଙ୍କର ପ୍ରଥମ ଥର ପାଇଁ ସାମାଜିକ, ଐତିହାସିକ, ଜୀବନୀମୂଳକ ତଥା କିମ୍ବଦନ୍ତୀ ଭିତ୍ତିକ ସ୍ୱର ଝଙ୍କୃତ ହେବାକୁ ଲାଗିଲା । ଏହାହିଁ ଥିଲା ଓଡ଼ିଆ କାବ୍ୟ-ନାଟିକାର ଏକ ବିଶିଷ୍ଟ ଗୁଣ । ବିଂଶ ଶତାବ୍ଦୀରେ ସୃଷ୍ଟି ହୋଇଥିବା କାବ୍ୟ-ନାଟିକା ସମୂହ ମୁଖ୍ୟତଃ ବୌଦ୍ଧିକ ପାଠକଗୋଷ୍ଠୀଙ୍କ ନିମନ୍ତେ ଅଭିପ୍ରେତ ଥିଲା, କାରଣ ଏଥିରେ ପାରମ୍ପାରିକ ରୀତିରେ ସଙ୍ଗୀତର ସାବଲୀଳତା, ଶସ୍ତା ହାସ୍ୟରସର ପ୍ରୟୋଗ ନ ଥିଲା । ତେଣୁ ଗତାନୁଗତିକ ନାଟ୍ୟକ୍ଷେତ୍ରରୁ ଏହାକୁ ଅଲଗା ଭାବେ ଚିହ୍ନିତ କରେଇବା ହିଁ ଏହାର ସ୍ୱାତନ୍ତ୍ର୍ୟ । ମାନସିଂହ ନାଟ୍ୟମାନସକୁ ସୂଚିତ କରିବାକୁ ହେଲେ ସାମଗ୍ରିକ ଭାବେ ତାଙ୍କର କାବ୍ୟ-ନାଟିକାଗୁଡ଼ିକୁ ଚକ୍ଷୁ ସାମନାରେ ରଖି ବିଚାର କରିବାକୁ ହେବ ।

କବି-ନାଟ୍ୟକାର ଡଃ ମାୟାଧର ମାନସିଂହଙ୍କ ସମସ୍ତ ନାଟକଗୁଡ଼ିକୁ ଲକ୍ଷ୍ୟ କଲେ ଏ ଧାରଣା ସୁସ୍ପଷ୍ଟ ଯେ ଜଣେ ପ୍ରେମିକ କବିର ଭାବାବେଗ ଓ କବିତ୍ୱ ତାହାର ନାଟକର କେନ୍ଦ୍ରବିନ୍ଦୁରେ ନିହିତ । ଦେଶପ୍ରୀତି, ଧର୍ମାନୁରାଗ ଓ ମାନବିକତାର ପ୍ରତିଷ୍ଠା ତାଙ୍କ ନାଟକଗୁଡ଼ିକରେ ଥିଲେ ମଧ୍ୟ

ପ୍ରେମର ଦିବାଲୋକରେ ତାହା ଚନ୍ଦ୍ରର କିରଣ ସଦୃଶ ନିଷ୍ପ୍ରଭ ଓ ମଳିନ । ଏ କ୍ଷେତ୍ରରେ ବିଜୟ କୁମାର ଚୌଧୁରୀଙ୍କ ମତ ଗ୍ରହଣୀୟ – "କିନ୍ତୁ ଆମକୁ ସ୍ମରଣ ରଖିବାକୁ ହେବ ଯେ ମାନସିଂହ ସାହିତ୍ୟରେ ପ୍ରେମର ଯେଉଁ ଉଦ୍‌କୂଳପ୍ଲାବନ ବହିଯାଇଛି, ସେଥିରେ ଧର୍ମ ଓ ଦେଶପ୍ରୀତିର ଜୟଗାନ ନିନାଦିତ ହୋଇନାହିଁ ବରଂ ନିଷ୍ପ୍ରଭ ହୋଇଯାଇ ରୋମାଣ୍ଟିକ ଚେତନାର ଶୁଭଶଙ୍ଖ ବାଜି ଉଠିଛି । ଏହା ହିଁ ମାନସିଂହ ସୃଷ୍ଟି ମାନସର ବୈଶିଷ୍ଟ୍ୟ ।" ........ (୧୧)

ଅନ୍ୟ ଜଣେ ବିଶିଷ୍ଟ ସମାଲୋଚକ ଓ ନାଟ୍ୟକାର ଡଃ ରତ୍ନାକର ଚଇନି ମଧ ମାନସିଂହଙ୍କ ନାଟ୍ୟମାନସକୁ ଅଧ୍ୟୟନ କରି କହନ୍ତି :- "ଗଭୀର ଅନୁଭୂତିର କବି ହିସାବରେ ଓଡ଼ିଆ ସାହିତ୍ୟରେ ସୁପରିଚିତ ମାୟାଧର ମାନସିଂହ (୧୯୦୪ - ୧୯୭୩) ଙ୍କର କେତୋଟି ନାଟକ ଆଖିରେ ପଡ଼େ । ମାତ୍ର ଏହି ନାଟକ ସବୁକୁ ପାଠକଲାବେଳେ ଜଣେ ନାଟ୍ୟକାରର ନୁହେଁ, ଜଣେ କବିର ହୃଦୟକୁ ସ୍ପର୍ଶକଲା ଭଳି ମନେହୁଏ । ଗୀତିମୟତାହିଁ ମାନସିଂହଙ୍କ ନାଟକର ପ୍ରାଣ ।" ........ (୧୨)

ତେଣୁ ମାନସିଂହ ନାଟ୍ୟମାନସ କବିତ୍ୱର ଗନ୍ଧାଘର । ସ୍ରଷ୍ଟା ମାନସିଂହଙ୍କ ନାଟ୍ୟସୃଷ୍ଟି ମଧରେ ଥିବା ସଙ୍କେତରାଜିହିଁ ପାଠକ ଓ ଦର୍ଶକ ବର୍ଗଙ୍କୁ ବହୁଭାବେ ଆନନ୍ଦ ପ୍ରଦାନ କରିଥାଏ । ତେଣୁ ତାଙ୍କ ନାଟ୍ୟ ସାହିତ୍ୟର ଏକ ପୂର୍ଣ୍ଣାଙ୍ଗ ଆଲୋଚନା ନିମନ୍ତେ ସେଥିରେ ଥିବା ପ୍ରଧାନ ପ୍ରଧାନ ସଙ୍କେତ ଗୁଡ଼ିକୁ ଦର୍ଶେଇବା ଏକ ସୁପ୍ରାବନ୍ଧିକର କର୍ତ୍ତବ୍ୟ ।

## ଆଲୋଚନାର ପର ପର୍ଯ୍ୟାୟ

କବି-ନାଟ୍ୟକାର ଡଃ ମାୟାଧର ମାନସିଂହ ସମୁଦାୟ ଦଶଗୋଟି ନାଟକ, କାବ୍ୟ-ନାଟିକା, ଗୀତିନାଟ୍ୟ ଓ ଏକାଙ୍କିକା ରଚନା କରିଛନ୍ତି । ନାଟକର ଏ ସମସ୍ତ ଉପବିଭାଗ ମଧରେ କାବ୍ୟ-ନାଟିକା ପର୍ଯ୍ୟାୟଟି ଏକ ବିଶେଷ ଆଲୋଚନାର ଅପେକ୍ଷା ରଖେ । ତାଙ୍କ ରଚିତ ସମଗ୍ର ନାଟ୍ୟକୃତିର ପରିଚୟ ନ ପାଇଲେ ଆଲୋଚନାର ଏକ ସମ୍ପୂର୍ଣ୍ଣ ସୀମାରେଖା ଟାଣିବା କଷ୍ଟକର । ତେଣୁ ନିମ୍ନରେ ତାଙ୍କ ସୃଷ୍ଟ ସମଗ୍ର ନାଟ୍ୟ ସାହିତ୍ୟର ଏକ ଶ୍ରେଣୀ ବିଭାଗ ଦିଆଯାଇ କାବ୍ୟ-ନାଟିକା ଉପରେ ସ୍ୱତନ୍ତ୍ର ଆଲୋଚନା କରାଗଲା ।

୧· ରାଜକବି ଉପେନ୍ଦ୍ର (ଗୀତିନାଟ୍ୟ)
(୧୯୨୪ ରେ ଲିଖିତ କିନ୍ତୁ ୧୯୩୮ରେ ପ୍ରକାଶିତ)
୨· ପୁଷ୍ପିତା (କାବ୍ୟ-ନାଟିକା) (୧୯୩୦)
୩· ପୂଜାରିଣୀ (କାବ୍ୟ-ନାଟିକା) (୧୯୩୨)
୪· ନଷ୍ଟନୀଡ଼ (ନାଟକ) (୧୯୩୮)
୫· ବୁଦ୍ଧ (ନାଟକ) (୧୯୪୧)
୬· ବାରବାଟୀ (ନାଟକ କିନ୍ତୁ କବିତ୍ୱ ସୁସ୍ପଷ୍ଟ) (୧୯୪୧)
୭· ଦୁର୍ଭିକ୍ଷ (କାବ୍ୟ-ନାଟିକା) (୧୯୪୧)
୮· ବୁଦ୍ଧଦୂତୀ (କ୍ଷୁଦ୍ର କାବ୍ୟ-ନାଟିକା) (୧୯୪୧)
୯· ଶାସନ ଚକ୍ର (ଏକାଙ୍କିକା) (୧୯୪୧)
୧୦· ପୁଷ୍ପାଭିନୟ (କ୍ଷୁଦ୍ର କାବ୍ୟ-ନାଟିକା) (୧୯୪୧)

ନାଟକର ମଞ୍ଚ ମୂଲ୍ୟ ଦୃଷ୍ଟିରୁ ମାନସିଂହଙ୍କ 'ନଷ୍ଟନୀଡ଼', 'ବୁଦ୍ଧ', 'ବାରବାଟୀ' ଓ 'ଶାସନଚକ୍ର' (ଏକାଙ୍କିକା) ଅନ୍ୟ ନାଟକମାନଙ୍କ ତୁଳନାରେ ସଫଳ ସୃଷ୍ଟିଭାବେ ବିବେଚିତ ହେବ । 'ନଷ୍ଟନୀଡ଼' ପ୍ରଥମ ସାମାଜିକ *ଟ୍ରାଜେଡି* ନାଟକ ଭାବେ ପରିଗଣିତ ହୁଏ । ନାୟକ ପୂର୍ଣ୍ଣ ଓ ନାୟିକା ମାଧବୀ ପ୍ରେମର ବଳୟ ସୃଷ୍ଟି କରି ଆବର୍ତ୍ତିତ ହୋଇଥିଲେ ମଧ ଶେଷରେ ମାଧବୀର ଆତ୍ମହତ୍ୟା ଏକ ଦୁଃଖାନ୍ତ ପରିସ୍ଥିତି ସୃଷ୍ଟିକରେ ଓ ନାଟକ ଶେଷ ହୁଏ । ଉକ୍ତ ନାଟକରେ ଏକ ଦୁଃଖଦାୟକ ପରିସ୍ଥିତି ସୃଷ୍ଟି କରିବା ଲେଖକଙ୍କର ଇଚ୍ଛାକୃତ ଥିବାର ମନେ ହୁଏ, କାରଣ ଆଳଙ୍କାରିକମାନଙ୍କ ଦୃଢ଼ ଧାରଣା ପ୍ରତି ଏ ଥିଲା ଏକ *ଚାଲେଞ୍ଜ* । ହାସ୍ୟରସ ଓ ଦୁଃଖାତ୍ମକ ଦୁଇ ବିରୋଧୀର ପ୍ରୟୋଗ ଏଥିରେ ଥିଲେ ମଧ ଏହା କିପରି ସଫଳ ହୋଇଛି, ସେ ସମ୍ପର୍କରେ କଇଳାସ ପଟ୍ଟନାୟକଙ୍କ ମତ ଗ୍ରହଣୀୟ "ନଷ୍ଟନୀଡ଼ରେ କରୁଣ, ହାସ୍ୟର ପରସ୍ପର ବିରୋଧୀ ପ୍ରଭାବ ସତ୍ତ୍ୱେ ନାଟ୍ୟକାରଙ୍କ ପ୍ରୟୋଗଗତ କୌଶଳ ଯୋଗୁଁ ନାଟକର ଚରିତ୍ର ଓ ଘଟଣା ବେଶ୍ ସାର୍ଥକଭାବେ ରୂପାୟିତ "। ...... (୧୩)

ଇବ୍‌ସନ୍‌ଙ୍କ *ଡଲ୍‌ସ୍ ହାଉସ୍‌*ର ନାୟିକା ନୋରାର ପ୍ରଭାବ କିପରି ନଷ୍ଟନୀଡ଼ର ନାୟିକା ମାଧବୀ ଉପରେ ପଡ଼ିଛି ତାହା ନାଟ୍ୟକାରଙ୍କ ଶାଣିତ ସଂଳାପ ମାଧ୍ୟମରେ ଲକ୍ଷ୍ୟ କରାଯାଇପାରେ । ନାରୀର ସମ୍ମାନ ଉପରେ ଆଞ୍ଚ ଆସିବାରୁ ମାଧବୀ ନିଜ ସ୍ୱାମୀ କିଶୋରକୁ କହିଛି :- "ଯାହା ସମ୍ଭବ ମନେ କରୁଛ କର, ତୁମେ ଯଦି ପ୍ରକୃତ ପୁରୁଷ, ତେବେ ତମର ସ୍ତ୍ରୀ କୁ

ଏପରି ପ୍ରଶ୍ନକରିବା ତମ ନିଜର ଅପମାନ । ମୁଁ ଏ ସବୁ ପ୍ରଶ୍ନର ଉତ୍ତର ଦେବିନି, - ଦେଇ ଲାଭ କିଛି ନାହିଁ ତମ ନିକଟରେ ।" ....... (୧୪)

ସବୁ ଦୃଷ୍ଟିରୁ ବିଚାର କଲେ ଏହା ଜଣାପଡ଼େ ଯଦିଓ ଉକ୍ତ ନାଟକ ମଞ୍ଚୋପଯୋଗୀତା ଦୃଷ୍ଟିରୁ କେତେକାଂଶରେ ଅସଫଳ ତଥାପି ବହୁଭାବେ ସଫଳ ।

'ବାରବାଟୀ', 'ବୁଦ୍ଧ' ଓ 'ଶାସନଚକ୍ର' ନାଟକ ତିନୋଟି ଜାତୀୟତା ତଥା ଦେଶାତ୍ମବୋଧକ ନାଟକ ଓ ଏକାଙ୍କିକା । 'ବାରବାଟୀ' ନାଟକ ବୀର ରସରେ ନାଟ୍ୟ ସୌନ୍ଦର୍ଯ୍ୟ ମଣ୍ଡିତ ହୋଇଛି । ନାଟକୀୟ କଥା ବସ୍ତୁର ପରିକଳ୍ପନା ଓ କାବ୍ୟିକ ସଂଳାପ ଦୃଷ୍ଟିରୁ ଏହା ଉଚ୍ଚକୋଟୀର ମନେ ହୁଏ । କବିତ୍ୱର ବର୍ଣ୍ଣଚ୍ଛଟା ତାଙ୍କ ନାଟକର ପ୍ରତିପଦକ୍ଷେପରେ ନିହିତ । ନାଟକର ପ୍ରଥମ ଅଙ୍କ ଚତୁର୍ଥ ଦୃଶ୍ୟରେ ଖୁଣ୍ଟିଆର ବକ୍ତବ୍ୟ ଲକ୍ଷଣୀୟ :-

"ଯା ଉର୍ବର ଦେଶମାଟି, ସୁଜଳା ସୁଫଳା
ଗଙ୍ଗା-ବ୍ରହ୍ମପୁତ୍ର ଜଳେ ନିତ୍ୟ ଅଭିଷିକ୍ତା,
ଯା ମୁକୁଟ ହିମାଚଳ, ପଦ ମହୋଦଧି,
ବୀରଶ୍ରୀ ଲକ୍ଷ୍ମଣସେନ ସେ ଦେଶ, ରାଜନ,
ଗଜପତି ଦର୍ଶନାଶେ ଉଭା ଶ୍ରୀ ଚ୍ଛାମୁରେ ।"

......... (୧୫)

ନିଜ ମନର କ୍ଷୁଧା ମେଣ୍ଟାଇବା ସକାଶେ ସମୟେ ସମୟେ ମାନସିଂହ ଧର୍ମାଲୋଚନା କରିଥାନ୍ତି । ବୁଦ୍ଧ ନାଟକ ତାହାର ଏକ ପ୍ରମାଣ । ଘଟଣାର ଉପସ୍ଥାପନା ଦୃଷ୍ଟିରୁ ଏହା ଏକ ସଫଳ ସୃଷ୍ଟି । ସିଦ୍ଧାର୍ଥ ବୁଦ୍ଧ ଭାବରେ ପରିଣତ ହେବାହିଁ ଏହାର ନାଟକୀୟ କଥାବସ୍ତୁ ଏବଂ ଏଥିପାଇଁ ସଂଳାପହିଁ ମୁଖ୍ୟତଃ ଦାୟୀ ।

ଆଠୋଟି ଦୃଶ୍ୟ ସମ୍ବଳିତ 'ଶାସନ ଚକ୍ର' ଏକାଙ୍କିକା ଗଣତନ୍ତ୍ର ରାଷ୍ଟ୍ରରେ ପ୍ରତିଭାର ଅବହେଳା ପ୍ରତି ଦର୍ଶକ ତଥା ପାଠକର ଦୃଷ୍ଟି ଆକର୍ଷଣ କରେ । ଉକ୍ତ ଏକାଙ୍କିକାରେ କବି ମାନସିଂହଙ୍କ ଜୀବନର ବାସ୍ତବରୂପ ପ୍ରତିଫଳିତ । ନାଟକୀୟତା ଦୃଷ୍ଟିରୁ ଏହା ଏକ ସଫଳ ସୃଷ୍ଟି ।

ନାଟକରେ ସଙ୍ଗୀତର ଅପରିହାର୍ଯ୍ୟ ଗୁଣ ନେଇ 'ରାଜକବି ଉପେନ୍ଦ୍ର' ଗୀତିନାଟ୍ୟରେ ଡଃ ମାନସିଂହ ରସ ସଞ୍ଚାର କରିଛନ୍ତି । କବିର ସ୍ୱାଭାବିକ କଳ୍ପନାପ୍ରବଣ ମନକେଇ ଉପେନ୍ଦ୍ର ଚିତ୍ରିତ । ପାଞ୍ଚୋଟି ଦୃଶ୍ୟ ସମ୍ବଳିତ 'ରାଜକବି ଉପେନ୍ଦ୍ର' ଗୀତିନାଟ୍ୟର ପ୍ରତ୍ୟେକ ଦୃଶ୍ୟରେ ସଂଗୀତର ଉଚ୍ଛ୍ୱାସମୟ ସ୍ୱର ଶୁଣାଯାଏ । ସାଙ୍ଗୀତିକତା ଦୃଷ୍ଟିରୁ ଡଃ ମାନସିଂହଙ୍କ ଏହା ଏକ ସଫଳ ସୃଷ୍ଟି ।

ଏ ତିନୋଟି ନାଟକ, ଗୀତିନାଟ୍ୟ ଓ ଗୋଟିଏ ଏକାଙ୍କିକା ବ୍ୟତୀତ ମାନସିଂହ ସୃଷ୍ଟି କରିଥିବା ଅନ୍ୟ ପାଞ୍ଚୋଟି କାବ୍ୟ-ନାଟିକା ତାଙ୍କ ପ୍ରତିଭାର ଅନବଦ୍ୟ ସ୍ୱାକ୍ଷର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ନାଟିକାଗୁଡ଼ିକ ମଧ୍ୟରେ ଥିବା ମାଧ୍ୟୁର୍ଯ୍ୟ ନାଟ୍ୟମାନସର ସଙ୍କେତକୁ ବୁଝେଇବା ନିମନ୍ତେ ତାହାକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା ଯଥା :-

(୧) କାବ୍ୟ ନାଟିକାର ଶୈଳ୍ପିକ ଗଠନ
(୨) କାବ୍ୟ-ନାଟିକାର ଭାଷା
(୩) କାବ୍ୟ-ନାଟିକାର ସାହିତ୍ୟିକ ମୂଲ୍ୟ
(୪) କାବ୍ୟ-ନାଟିକାର ମଞ୍ଚୋପଯୋଗୀତା
(୫) କାବ୍ୟ-ନାଟିକାରେ ନାନ୍ଦନିକ ଦୃଷ୍ଟିଭଙ୍ଗୀ ।

ନିମ୍ନରେ ସେଗୁଡ଼ିକ ଆଲୋଚନା କରାଗଲା :-

## ୧ - କାବ୍ୟ-ନାଟିକାର ଶୈଳ୍ପିକ ଗଠନ:-

ମାନସିଂହଙ୍କ କାବ୍ୟ-ନାଟିକାର ଶୈଳ୍ପିକ ଗୁଣାଗୁଣ ବିଚାର କରିବାକୁ ହେଲେ ଆମକୁ ସାଧାରଣତଃ ତାଙ୍କ ସୃଷ୍ଟି ମଧ୍ୟ ଦେଇ ନିମ୍ନ ଦିଗଗୁଡ଼ିକ ସମ୍ପର୍କରେ ପୂର୍ଣ୍ଣ ଅବହିତ ହେବାକୁ ପଡ଼ିବ ।

### (କ) କାହାଣୀ ବା କଥାବସ୍ତୁ (Plot)

ମାନସିଂହଙ୍କ କାବ୍ୟ-ନାଟିକାମାନଙ୍କ ମଧ୍ୟରେ 'ପୂଜାରିଣୀ' ଓ 'ଦୁର୍ଭିକ୍ଷ'ର କଥାବସ୍ତୁ ବଳିଷ୍ଠ । ଏକ ମହନୀୟ ଚିନ୍ତାର ବିକାଶ ହିଁ ତାଙ୍କ ନାଟିକାର କଥାବସ୍ତୁକୁ ସୁଖପାଠ୍ୟ କରାଇ ପାରିଛି । ସ୍ୱୟଂ ମାନସିଂହ ତାଙ୍କ 'ପୂଜାରିଣୀ' କାବ୍ୟ-ନାଟିକାର କଥାବସ୍ତୁ ସମ୍ପର୍କରେ କହିଛନ୍ତି :- "ସେତେବେଳେ ଆଇରିଶ୍ କବି ଇଏଟ୍‌ସ୍‌ଙ୍କ କୌଣସି ଏକ ଛୋଟ ନାଟକରେ ଏଇ ଭାବଟିର ଆଭାସ ପାଇ ମୋର ନିଜର ମାନସିକ କ୍ରିୟା ପାଇଁ ମୁଁ ଯେପରି ସମର୍ଥନ ପାଇଲି । ତା' ପରେ ସମ୍ପୂର୍ଣ୍ଣ ଓଡ଼ିଆ ଭୂମିକାରେ ଏଇ ଭାବଟିକୁ କିପରି ରୂପ ଦିଆଯାଇପାରେ ଚିନ୍ତାକରୁ କରୁ ମୁଁ ଏହି ସାକ୍ଷୀଗୋପାଳ-ଲକ୍ଷ୍ମୀ କିମ୍ବଦନ୍ତୀକୁ ପରୀକ୍ଷା ପାଇଁ ଗ୍ରହଣ କରିନେଲି "। ........... (୧୬)

'ଦୁର୍ଭିକ୍ଷ' କାବ୍ୟ-ନାଟିକାରେ ସନାତନର ଆଦର୍ଶଗତ ଜୀବନ ହିଁ ତାଙ୍କୁ ଏ ପ୍ରକାର ନାଟିକା ଲେଖିବାକୁ ପ୍ରେରଣା ଯୋଗାଇଥିଲା । ସେ ସମ୍ପର୍କରେ ମାନସିଂହ କହନ୍ତି :- "ଓଡ଼ିଶାର ସୁବିଦିତ ନ'ଅଙ୍କ ଦୁର୍ଭିକ୍ଷର ପଶ୍ଚାତ୍‌ପଟ ଉପରେ ଗୋଟିଏ ମହାପ୍ରାଣର ମହନୀୟ ପବିତ୍ର ମଧୁର ବିକାଶ ହିଁ ଏହି ଛୋଟ କାବ୍ୟ-ନାଟିକାଟିର ପ୍ରାଣ କଥା । - - - - ବିଭୀଷିକାମୟ ନ'ଅଙ୍କ ଦୁର୍ଭିକ୍ଷର ବୀଭତ୍ସ ରଙ୍ଗଭୂମିରେ କେନ୍ଦ୍ରାପଡ଼ାର ବାଳକ ସନାତନର ଛୋଟ ଅଭିନୟଟି ମାନବିକତାରେ ଯେପରି କାରୁଣ୍ୟମୟ, ନରତ୍ୱର ମହିମାରେ ସେହିପରି ଅପୂର୍ବ ।" ...... (୧୭)

ବିଷୟବସ୍ତୁର ଚମତ୍କାରୀତା ଦୃଷ୍ଟିରୁ ମାନସିଂହଙ୍କ 'ପୂଜାରିଣୀ' ଉଚ୍ଚ ପ୍ରଶଂସିତ । କିମ୍ବଦନ୍ତୀକୁ ଆଧାର କରି ଏହାର କାହାଣୀ ପର୍ଯ୍ୟବେସିତ । ସତ୍ୟବାଦୀର ସାକ୍ଷୀଗୋପାଳ, ଜନୈକ ବ୍ରାହ୍ମଣ କନ୍ୟା ଲକ୍ଷ୍ମୀର ପ୍ରେମରେ ଆକୃଷ୍ଟ ହୁଅନ୍ତି । ପରେ ତାଙ୍କର ବେଣୁ, ପାଟଲୁଗା ଓ ମୁଦି ଲକ୍ଷ୍ମୀର ଘରୁ ମିଳେ । ମନ୍ଦିର କର୍ତ୍ତୃପକ୍ଷ ଠାକୁରଙ୍କୁ ରାଧା ବିରହିତ ଭାବି ଲକ୍ଷ୍ମୀର ମୂର୍ତ୍ତି ନିର୍ମାଣ କଲେ । ମୂର୍ତ୍ତି ନିର୍ମାଣ ଠାରୁ ଲକ୍ଷ୍ମୀକୁ ଜ୍ୱର ହେଲା ଓ ନିର୍ମାଣ ଶେଷରେ ଲକ୍ଷ୍ମୀ ମୃତ୍ୟୁ ବରଣ କରେ । ପରେ ଲକ୍ଷ୍ମୀର ମୂର୍ତ୍ତି ସାକ୍ଷୀଗୋପାଳଙ୍କ ନିକଟରେ ଶୋଭା ପାଇଲା । ଏଠାରେ କାହାଣୀ କିମ୍ବଦନ୍ତୀକୁ ଆଶ୍ରୟକରି ଗଢ଼ିଉଠିଛି ଏବଂ ସେହି କିମ୍ବଦନ୍ତୀକୁ ବିଭିନ୍ନ ରଙ୍ଗରେ ରଞ୍ଜିତ କରି ନାଟ୍ୟକାର ଅପୂର୍ବତା ସୃଷ୍ଟି କରିଛନ୍ତି ।

'ଦୁର୍ଭିକ୍ଷ' କାବ୍ୟ-ନାଟିକାରେ ନାୟକ ସନାତନ ନିଜ ବାପ, ମାଆ ଓ ଭଉଣୀ ପ୍ରତି ଦେଖାଇଥିବା ଭକ୍ତି ଓ ସ୍ନେହର ନିବିଡ଼ତା ତାକୁ ଏକ *କ୍ଲାସିକ* ନାୟକ ଭାବେ ଗଢ଼ି ତୋଳିଛି । ସନାତନ, ତା ମୃତ୍ୟୁ ବଦଳରେ ନିଜ ବାପା, ମା ଓ ଭଉଣୀ କମଳୀର ଜୀବନ ଚାହେଁ, ଯେଉଁଥିପାଇଁ ତା ନିକଟରେ ଖାଦ୍ୟ ଥାଇ ମଧ୍ୟ ସେ ତାହା ଖାଇନାହିଁ, ବରଂ ଶେଷରେ ଖାଦ୍ୟପାତ୍ର ହାତରେ ଧରି ମୃତ୍ୟୁବରଣ କରିଛି । ଏଠାରେ ଆଦର୍ଶର ରକ୍ଷା - ନାଟ୍ୟକାର କର୍ତ୍ତବ୍ୟ ବୋଲି ମନେ କରେ ।

'ପୁଷ୍ପିତା' କାବ୍ୟ-ନାଟିକାରେ କଥାବସ୍ତୁର ସେପରି କୌଣସି ବିଶେଷତ୍ୱ ନାହିଁ । ଜଣେ କିଶୋରୀ ନାମ୍ନୀ ବାଳିକାର ଯୌବନପ୍ରାପ୍ତିହିଁ ଉକ୍ତ ନାଟିକାର ବିଷୟବସ୍ତୁ । ସେଥିପାଇଁ ପୁଷ୍ପ, ବସନ୍ତ, ମଳୟ, ପରିମଳ, କାମଦେବ କିଶୋରୀକୁ ଯୁବତୀ କରିବା ପାଇଁ ଲାଗିପଡ଼ିଛନ୍ତି । ଦ୍ୱିତୀୟ ଦୃଶ୍ୟରେ କାମଦେବଙ୍କ ସଂଳାପ ବେଶ ଶୃଙ୍ଗାରିକ :-

"ବୃକ୍ଷକୁ ଲତାରେ ଚରଣକୁ ମଥାରେ
ଭଅଁରକୁ କୁସୁମର ପତାରେ
ମିଳାଇ ମୁଁ ଧରାରେ ଆଶ୍ଳେଷକାରାରେ
ବନ୍ଧାଇଛି ସୃଷ୍ଟିର ଗାଥାରେ ।"

....... (୧୮)

'ବୁଦ୍ଧଦୂତୀ' କ୍ଷୁଦ୍ର କାବ୍ୟ-ନାଟିକାରେ ବ୍ରାହ୍ମଣ୍ୟ ଗୋଷ୍ଠୀଙ୍କର ବୌଦ୍ଧଧର୍ମ ପ୍ରତି ହିଂସା ମନୋଭାବ ଓ ବୌଦ୍ଧଧର୍ମାବଲମ୍ବୀ ମାନଙ୍କ ଉପରେ ଆକ୍ରମଣ ଏବଂ ଅନ୍ୟପଟେ କଳିଙ୍ଗର ରାଜବାଳା ହେମମାଳାଙ୍କ ବୁଦ୍ଧସ୍ମାରକ ବୁଦ୍ଧଦନ୍ତକୁ ବ୍ରାହ୍ମଣମାନଙ୍କ ଆକ୍ରମଣରୁ ରକ୍ଷା ଓ ତାହାର ନିରାପଦ ନିମିତ୍ତ ଦନ୍ତକୁ ନିଜ ମୁଣ୍ଡ ଖୋସାରେ ଲୁଚାଇ ସିଂହଳ ଦ୍ୱୀପକୁ ଗମନ - ଏହାର କଥାବସ୍ତୁ । ସଂକ୍ଷିପ୍ତ କଥାବସ୍ତୁ ଓ ସଂକ୍ଷିପ୍ତ ପରିବେଶରେ ବିଭତ୍ସ ଓ ଶାନ୍ତ ରସର ପ୍ରୟୋଗ ବେଶ୍ ଆକର୍ଷଣୀୟ ହୋଇପାରିଛି ।

ପ୍ରକୃତିର ଏକ ମନୋରମ ପରିବେଶରେ 'ପୁଷ୍ପାଭିନୟ' କାବ୍ୟ-ନାଟିକା ଗଢ଼ି ଉଠିଛି । ରବିକର, ବାୟୁ, ପ୍ରଜାପତି, ଭ୍ରମର ସମସ୍ତଙ୍କର ଏକ କଳିକା ପ୍ରତି ଗଭୀର ଭାବାବେଗ ଲକ୍ଷଣୀୟ ।

ତେଣୁ ମାନସିଂହଙ୍କ ସମସ୍ତ କାବ୍ୟ-ନାଟିକାର କଥାବସ୍ତୁକୁ ଲକ୍ଷ୍ୟ କଲେ ଜଣାପଡ଼େ କାହାଣୀର ଆବେଗକୁ ଯେତେଦୂର ସମ୍ଭବ ଗାଢ଼ବଦ୍ଧ କରାଯାଇଛି ଓ ଏହାର ଅନ୍ତର୍ଦେଶରେ କାବ୍ୟିକ ରୂପ ପ୍ରକାଶିତ । ଉକ୍ତ ପରିପ୍ରେକ୍ଷିରେ ବିଶିଷ୍ଟ ବଙ୍ଗଳା ସମାଲୋଚକ ଆଦିତ୍ୟ ଓହଦେଦାରଙ୍କ ମତ ଗ୍ରହଣୀୟ :- *"ଅର୍ଥାତ କାବ୍ୟନାଟ୍ୟେ କାହାନୀର ଅନ୍ତର୍ନିହିତ ଆବେଗକେ ଯତୋଦୂର ସମ୍ଭବ ଗାଢ଼ବଦ୍ଧ କରେ ଆନା ହୟ ଏବଂ ତାର ସଙ୍ଗତ ରୂପ ଏମନ ସ୍ତରେ ଉଠାନୋ ହୟ ଜଖନ ସେ ଆବେଗେର ପ୍ରକାଶ କବିତା ଛେଡ଼ ସ୍ୱତଃସିଦ୍ଧ ଓ ସ୍ୱାଭାବିକ ଠେକେ"* ......... (୧୯)

(ଗ) ଚରିତ୍ର ଚିତ୍ରଣ **(Characterization)**

ବର୍ତ୍ତମାନ ନାଟ୍ୟଶିଳ୍ପର ବିଚାରରେ କଥାବସ୍ତୁ ପରେ ଚରିତ୍ର ଚିତ୍ରଣ ନାଟକର ଏକ ପ୍ରଧାନ ଉପାଦାନ । ଚରିତ୍ର ହିଁ କଥାବସ୍ତୁର ଅଗ୍ରଗତିରେ ସାହାଯ୍ୟ କରିଥାଏ । ଚରିତ୍ର ଯେତିକି

ହୁଏ ବାସ୍ତବଧର୍ମୀ ଓ ମହନୀୟ ନାଟକ ସେତିକି ଉଚ୍ଚକୋଟୀର ହୁଏ । ମାନସିଂହଙ୍କ ଚରିତ୍ରଗୁଡ଼ିକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସାଧନ ନିମନ୍ତେ ଅଭିପ୍ରେତ । 'ଦୁର୍ଭିକ୍ଷ' ରେ ସନାତନର ଚରିତ୍ର ସ୍ନେହ ଓ ପ୍ରେମର ନିଦର୍ଶନ ରୂପେ ଅଙ୍କିତ । ଏକ ଆଦର୍ଶଗତ ମହନୀୟ ଚରିତ୍ର ଚିତ୍ରଣ ନାଟ୍ୟକାରଙ୍କ ଲକ୍ଷ୍ୟଥିବାର ମନେହୁଏ । 'ପୁଷ୍ପିତା' ର ନାୟିକା କିଶୋରୀ ଏକ ସ୍ଥାଣୁ ଚରିତ୍ର । ସେ ନିଜେ କିଛି କରିନି, ବରଂ ପ୍ରକୃତି ତାକୁ ଯୁବାରେ ପରିଣତ କରିଛି । 'ପୂଜାରିଣୀ' ରେ ଦେବତା ସାକ୍ଷୀଗୋପାଳଙ୍କ ମାନବୀୟ ଓ ଦେବତ୍ୱ ଚରିତ୍ରର ମହନୀୟତା ସୁସ୍ପଷ୍ଟ । ଲକ୍ଷ୍ମୀ ଜଣେ ସାଧାରଣ ବ୍ରାହ୍ମଣ କନ୍ୟା ହୋଇ ଦେବତାଙ୍କ ଉପଭୋଗ୍ୟା, ପ୍ରେମିକା । 'ବୁଦ୍ଧଦୂତୀ' ରେ ରାଜବାଳା ହେମମାଳାର ଚରିତ୍ରକୁ କଳିଙ୍ଗର ବ୍ରାହ୍ମଣ, ବୌଦ୍ଧଶ୍ରମଣ ଓ ସିଂହଳର ରାଜରାଣୀ ଚରିତ୍ରତ୍ରୟ ମହନୀୟ କରି ତୋଳିଛନ୍ତି । 'ପୁଷ୍ପାଭିନୟ' କ୍ଷୁଦ୍ର କାବ୍ୟ-ନାଟିକାରେ କୌଣସି ମୁଖ୍ୟ ଚରିତ୍ର ଥିଲାଭଳି ମନେହୁଏ ନାହିଁ, ତଥାପି 'କଳିକା' - ପ୍ରକୃତିର ଏକ କ୍ଷୁଦ୍ର ଅଥଚ ସୁନ୍ଦରକୁ ଆହୁରି ସୁନ୍ଦରାୟିତ କରିବା ପାଇଁ ରବି, ବାୟୁ, ପ୍ରଜାପତି ଓ ଭ୍ରମର ଆଦି ପ୍ରାକୃତିକ ଚରିତ୍ର ଗୁଡ଼ିକର ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ । ସବୁ ଦିଗରୁ ବିଚାର କଲେ ମାନସିଂହଙ୍କ କାବ୍ୟ-ନାଟିକାରେ ଚିତ୍ରିତ ଚରିତ୍ରଗୁଡ଼ିକ ମଧ୍ୟରେ ଉପ-ଚରିତ୍ରମାନଙ୍କର ଗୁରୁତ୍ୱ ବିଶେଷ ଥିଲାପରି ମନେହୁଏ ।

### (ଗ) ସଂଳାପ (Dialogue)

ସଂଳାପ ମାଧ୍ୟମରେ ନାଟ୍ୟକାର ଚରିତ୍ରକୁ ପରିସ୍ଫୁଟ କରେଇବା ସଙ୍ଗେ ସଙ୍ଗେ ନିଜର ମନୋଭାବକୁ ବ୍ୟକ୍ତ କରିଥାଆନ୍ତି । ଡଃ ମାନସିଂହ ତାଙ୍କ କୃତ କାବ୍ୟ-ନାଟିକା ଗୁଡ଼ିକର ସଂଳାପକୁ କାବ୍ୟଧର୍ମୀ କରେଇଛନ୍ତି । ଅବଶ୍ୟ ଏହା ତାଙ୍କ ଅଜଣାରେ ଘଟିଥାଇପାରେ ବୋଲି କୁହାଯାଇପାରେ । କାରଣ କବି ଯେତେବେଳେ ନାଟକ ଲେଖିବାକୁ ବସେ ସେତେବେଳେ ସେ ନାଟକୀୟ ସଂଳାପ କିପରି ହେବା ଉଚିତ, ତାହା ଭୁଲିଯାଇ ସାହିତ୍ୟିକ ଆବେଗଧର୍ମୀ ସଂଳାପ ବ୍ୟବହାର କରିଥାଏ । ଉକ୍ତ ସାହିତ୍ୟିକ ସଂଳାପଗୁଡ଼ିକ ଦୀର୍ଘ ହେବା ସ୍ୱାଭାବିକ । ସମାଲୋଚକ ଡଃ ନୀଳାଦ୍ରି ଭୂଷଣ ହରିଚନ୍ଦନ ସାହିତ୍ୟିକ ସଂଳାପ କିପରି ହେବା ଦରକାର ସେ ବିଷୟରେ ମତବ୍ୟକ୍ତ କରି କହନ୍ତି :- "ସାହିତ୍ୟିକ ସଂଳାପ ହିଁ ନାଟକର ସୌନ୍ଦର୍ଯ୍ୟ । - - - - ସାହିତ୍ୟିକ ଓ ଆବେଗଧର୍ମୀ ସଂଳାପ ତ ଦୀର୍ଘ ହେବା ସ୍ୱାଭାବିକ । ଦୀର୍ଘ ନ ହେଲେ ପୂର୍ଣ୍ଣ ଆବେଗ ରକ୍ଷିତ ହେବ ନାହିଁ ବା ସାହିତ୍ୟିକ ସୌନ୍ଦର୍ଯ୍ୟ ବିକଶିତ ହେବ ନାହିଁ ।" ......... (୨୦)

ଏ କ୍ଷେତ୍ରରେ ଅନ୍ୟ ଜଣେ ଯୁବ ଆଲୋଚକ ଶ୍ରୀଚରଣ ମହାନ୍ତିଙ୍କ ମତ ଗ୍ରହଣୀୟ :- "ସଂଳାପକୁ ହୃଦୟସ୍ପର୍ଶୀ କରିବାକୁ ହେଲେ କିଛି କବିତ୍ୱମୟ କରିବା ଆବଶ୍ୟକ"। ......... (୨୧)

'ପୁଷ୍ପିତା' କାବ୍ୟ-ନାଟିକା ଏକ ଗ୍ରାମୀଣ ପରିବେଶକୁ ନେଇ ରଚିତ । ପ୍ରଥମ ଦୃଶ୍ୟରେ ହେମାର ଚଣ୍ଡି ପ୍ରତି ଲୋକୋକ୍ତି ନାଟ୍ୟକାରଙ୍କ ଚରିତ୍ର ଉପଯୋଗୀ ସଂଳାପ ହୋଇଛି :-

"ହେମା - କାନ୍ଦିବନି ଆଉ କଣ ?
ଗଜମୁକୁତାର କଅଁଳ ଛାତି
ଚିକକ କଥାକୁ ବାପେ ନିହାତି
ଗେଲବସର ।"

ଅନ୍ୟ ଏକ ସ୍ଥାନରେ :-

"ସଜେଇ ନାନୀକି ଆଦର ଯେତେ
ଲୁହ ଟୁଳ ଟୁଳ ଆଖିରେ ସେତେ ।"

......... (୨୨)

ଗ୍ରାମର ଅନୂଢ଼ା ବାଳିକାମାନଙ୍କର କଥୋପକଥନକୁ ନାଟ୍ୟକାର ଲକ୍ଷ୍ୟ କରିଥିବାରୁ ସଂଳାପ ଗୁଡ଼ିକ ବାସ୍ତବଧର୍ମୀ ହୋଇଛି ।

'ଦୁର୍ଭିକ୍ଷ' ରେ ସଂଳାପଗୁଡ଼ିକ ପାତ୍ରମୁଖୀ ହୋଇପାରିଛି । ବୁଭୁକ୍ଷୁ କାଙ୍ଗାଳ ମାନଙ୍କ ମୁଖରେ ସଂକ୍ଷିପ୍ତ ସଂଳାପ ଦେବାବେଳେ ଜୀବନାନନ୍ଦ ଓ ଶିବାନନ୍ଦ ଭଳି ବିଶିଷ୍ଟ ସନ୍ୟାସୀଙ୍କ ମୁଖରେ ଦୀର୍ଘ ସଂଳାପ ଦିଆଯାଇଛି । 'ପୂଜାରିଣୀ' ର ସଂଳାପଗୁଡ଼ିକ ଦୀର୍ଘ ଓ କବିତ୍ୱମୟ ହୋଇଉଠିଛି । ମଞ୍ଚ ସଫଳତା ଦୃଷ୍ଟିରୁ ଏହା ଅସଫଳ ହେଲେ ମଧ୍ୟ ବୌଦ୍ଧିକ ତଥା ରସଗ୍ରାହୀଜନଙ୍କ ନିମନ୍ତେ ଏହା ଏକ ସଫଳ ସୃଷ୍ଟି । ଏଠାରେ ବିଜୟ କୁମାର ଚୌଧୁରୀଙ୍କ ମତ ଗ୍ରହଣଯୋଗ୍ୟ :- " 'ପୂଜାରିଣୀ' ରେ ସଂଳାପ ଦୀର୍ଘ ଓ କବିତ୍ୱମୟ ହୋଇ ଉଠିଛି । ସ୍ଥାନେ ସ୍ଥାନେ ଏତେ ଦୀର୍ଘ ସଂଳାପ ରହିଛି ଯାହାକି ନାଟକରେ ଦର୍ଶକର ଧୈର୍ଯ୍ୟଚ୍ୟୁତି ଘଟାଇଥାଏ । ମାତ୍ର କାବ୍ୟନାଟିକା ଦୃଷ୍ଟିରୁ ଏହା ସଫଳ ହୋଇପାରିଛି ।" ........ (୨୩)

'ବୁଦ୍ଧଦୂତୀ' ଓ 'ପୁଷ୍ପାଭିନୟ' - ଦୁଇ କ୍ଷୁଦ୍ର କାବ୍ୟ-ନାଟିକାରେ କୌଣସି ଉଲ୍ଲେଖଯୋଗ୍ୟ ସଂଳାପ ସଂଯୋଜନା ନାହିଁ, ତଥାପି କାବ୍ୟିକତା ଦୃଷ୍ଟିରୁ ଏହା ଉଚ୍ଚକୋଟୀର ।

(ଘ) ଦ୍ୱନ୍ଦ (Conflict)

କୁହାଯାଇଛି 'No Conflict , No Drama ' ପ୍ରକୃତରେ ଦ୍ୱନ୍ଦ ନ ଥିଲେ ନାଟକ, ନାଟକ ପଦବାଚ୍ୟ ହେବ ନାହିଁ । ଦ୍ୱନ୍ଦ ଅନ୍ତର୍ଦ୍ୱନ୍ଦ କିମ୍ବା ବହିର୍ଦ୍ୱନ୍ଦ ହୋଇପାରେ । ନାଟକରେ ବହିର୍ଦ୍ୱନ୍ଦ ଅପେକ୍ଷା ଅନ୍ତର୍ଦ୍ୱନ୍ଦର ମହତ୍ତ୍ୱ ଅଧିକ । କବି-ନାଟ୍ୟକାର ଡଃ ମାନସିଂହଙ୍କ ନାଟକରେ ପ୍ରଧାନତଃ ଅନ୍ତର୍ଦ୍ୱନ୍ଦ ଦେଖାଯାଏ ।

'ପୁଷ୍ପିତା' ନାଟିକାରେ କୁମାରୀ କିଶୋରୀ ମନରେ କେବଳ ଅନ୍ତର୍ଦ୍ୱନ୍ଦ ଦେଖାଦେଇଛି । ଏହି ଦ୍ୱନ୍ଦକୁ ଦେଖେଇବା ପାଇଁ ନାଟ୍ୟକାର ସମଗ୍ର ନାଟକଟିକୁ ଗଢି ତୋଳିଥିବାପରି ମନେହୁଏ । 'ଦୁର୍ଭିକ୍ଷ' ରେ ସ୍ନେହ ଓ ସ୍ୱାର୍ଥ ମଧ୍ୟରେ ଦ୍ୱନ୍ଦ ଦେଖାଯାଇଛି । ସାମୟିକ ଭାବରେ କେତେକ ଦୁର୍ଭିକ୍ଷ ପ୍ରପୀଡ଼ିତ ଚରିତ୍ରରେ ପଶୁପ୍ରବୃତ୍ତି ଓ ମାନବିକ ପ୍ରବୃତ୍ତି ମଧ୍ୟରେ ଦ୍ୱନ୍ଦ ଦେଖାଦେଇଛି । 'ପୂଜାରିଣୀ' ରେ ଦୁଇଟି ପ୍ରେମିକ ହୃଦୟ ମଧ୍ୟରେ ଦ୍ୱନ୍ଦ ଦେଖାଦେଇଛି । 'ବୁଦ୍ଧଦୂତୀ' ରେ ବ୍ରାହ୍ମଣ୍ୟ ଧର୍ମ ଓ ବୌଦ୍ଧ ଧର୍ମ ମଧ୍ୟରେ ଯେଉଁ ସଂଘର୍ଷ ଦେଖାଦେଇଛି, ତାହା ରାଜବାଳା ହେମମାଳା ମନରେ ଅନ୍ତର୍ଦ୍ୱନ୍ଦଭାବେ ରୂପ ନେଇଛି ।

(ଙ) ଉତ୍କଣ୍ଠା (Suspense)

ନାଟ୍ୟୋତ୍କଣ୍ଠା ନାଟକର ନାଟକୀୟତାରେ ଅଧିକ ସହାୟକ ହୋଇଥାଏ । ମାନସିଂହଙ୍କ କାବ୍ୟ-ନାଟିକାଗୁଡ଼ିକ କେତେଦୂର ଏହାକୁ ରକ୍ଷା କରିବାରେ ସହାୟକ ହୋଇଛି ତାହା ବିଚାର ଯୋଗ୍ୟ । 'ପୂଜାରିଣୀ' ର ତୃତୀୟ ଦୃଶ୍ୟରେ ଦେବତା ଓ ଲକ୍ଷ୍ମୀଙ୍କ କଥୋପକଥନରେ ଯେଉଁ ଉତ୍କଣ୍ଠା ସୃଷ୍ଟି ହେଇଛି ତାହା ସେହି ଦୃଶ୍ୟରେ ହିଁ ପୁନଶ୍ଚ ଦେବତାଙ୍କ ଆବିର୍ଭାବରେ ଶେଷ ହୋଇଛି । 'ଦୁର୍ଭିକ୍ଷ' ରେ ଉତ୍କଣ୍ଠା ସୃଷ୍ଟି କରିବାରେ ମାନସିଂହଙ୍କ କୌଣସି କଳାଗତ ପାଟବତା ଦେଖାଯାଏ ନାହିଁ । 'ପୁଷ୍ପିତା' ରେ ନାଟ୍ୟୋତ୍କଣ୍ଠା ଥିଲା ଭଳି ମନେହୁଏ ନାହିଁ । 'ବୁଦ୍ଧଦୂତୀ' ଓ ପୁଷ୍ପାଭିନୟରେ ସେପରି ବିଶେଷ କିଛି ନାଟ୍ୟୋତ୍କଣ୍ଠା ନାହିଁ । କେବଳ 'ବୁଦ୍ଧଦୂତୀ'ରେ ବ୍ରାହ୍ମଣମାନଙ୍କର କଳିଙ୍ଗର ଶୃଙ୍ଗାଟକରେ ବୌଦ୍ଧଦନ୍ତ ଅପହରଣ କରିବାକୁ ଆସିବା ସମୟ ଓ ହେମମାଳାର ତାହାକୁ ନେଇଯିବା ସମୟ ମଧ୍ୟରେ ସାମାନ୍ୟ ଉତ୍କଣ୍ଠା ରକ୍ଷିତ । ତେଣୁ ସବୁ ଦିଗରୁ ବିଚାର କଲେ ଜଣାଯାଏ ଯେ ମାନସିଂହଙ୍କ ନାଟିକାଗୁଡ଼ିକ ଯେହେତୁ କାବ୍ୟିକତାରେ ଉଚ୍ଛୁଳୁଟୁ ତେଣୁ ତାହା ନାଟ୍ୟୋତ୍କଣ୍ଠା ରକ୍ଷା କରିବାରେ ସେତେଟା ସଚେତନ ନୁହେଁ ।

(ଚ) ଉଦ୍ଦେଶ୍ୟ (Aim)

ପ୍ରତ୍ୟେକ ନାଟ୍ୟକାର ତା ନାଟକ ରଚନାର ଅନ୍ତରାଳରେ ଏକ ପ୍ରଚ୍ଛନ୍ନ ଅଭିବ୍ୟକ୍ତି ରଖିଥାଏ । ଡଃ ମାନସିଂହଙ୍କ ନାଟିକାଗୁଡ଼ିକରେ ସେପରି ବିଶେଷ କିଛି ଅଭିବ୍ୟକ୍ତି ଥିଲାପରି ମନେହୁଏ ନାହିଁ । ତଥାପି 'ଦୁର୍ଭିକ୍ଷ' ନାଟିକାରେ ସନାତନର ଆଦର୍ଶକୁ ଅନୁସରଣ କରି ଏକ ମନୁଷ୍ୟ ଭଳି ମନୁଷ୍ୟ ହେବା ପାଇଁ ତାଙ୍କର ଅଭିବ୍ୟକ୍ତି ରହିଛି ।

୨ - କାବ୍ୟ-ନାଟିକାର ଭାଷା :-

ମାନସିଂହଙ୍କ କାବ୍ୟ-ନାଟିକାରେ ଭାଷା କବିତ୍ୱର ସପ୍ତରଙ୍ଗରେ ରଙ୍ଗାୟିତ ତଥା ସୁଷମାୟିତ । ଜଣେ ଉତ୍ତମ କବିର ସ୍ୱରଲିପି ତା ମଧ୍ୟରେ ନିହିତ । ବିଶ୍ୱକବି ରବୀନ୍ଦ୍ରନାଥ ଠିକ୍ ସେହି କଥା କହିଛନ୍ତି :- "ଆବେଗର ଧର୍ମ ହେଉଛି ବେଗ । ତେଣୁ ସେହି ଧର୍ମ ପାଳନ କରିବା ପାଇଁ କାବ୍ୟ-ନାଟିକାର ଭାଷା କବିତାର ରୂପ ଗ୍ରହଣ କରେ ।" ଡଃ ମାୟାଧର ମାନସିଂହଙ୍କ ପ୍ରତିଟି ନାଟ୍ୟକୃତିରେ ସେହି କାବ୍ୟିକ ଭାଷାର ପ୍ରବାହ ଅନୁଭବ୍ୟ । 'ବୁଦ୍ଧଦୂତୀ' କ୍ଷୁଦ୍ର କାବ୍ୟ-ନାଟିକାରେ ରାଜବାଳା ହେମମାଳା ବୁଦ୍ଧଦନ୍ତ ନେଇଯିବା ପରେ ଆବୃତ୍ତି ଛନ୍ଦ, ମାତ୍ରାବୃତ୍ତିରେ ଯେଉଁ ଗୀତିକବିତା ଗାନ କରାଯାଇଛି ତାହା ତାଙ୍କ କବିତ୍ୱମୟ ଭାଷାର ଏକ ଅଭ୍ରାନ୍ତ ସ୍ମାରକ କହିବାକୁ ହେବ :-

"ନୀରବ ନିଶୀଥ, ଜନହୀନ ପଥ
ସୁପ୍ତ ନଗରୀ ସାରା
ପଥେ ଚାଲେ ଖାଲି ରାଜକେମା,
ବାଟ ଦେଖାଏ ଆକାଶ ତାରା ।"

........ (୨୪)

### ୩ - କାବ୍ୟ-ନାଟିକାର ସାହିତ୍ୟିକ ମୂଲ୍ୟ:-

ମାନସିଂହଙ୍କ ସମସ୍ତ ନାଟକଗୁଡ଼ିକ ସାହିତ୍ୟିକ ବର୍ଣ୍ଣବିଭାରେ ମଣ୍ଡିତ ତଥା ବିକଶିତ । ଉଭୟ ବୌଦ୍ଧିକ ଓ ସାଧାରଣ ପାଠକ ତଥା ଦର୍ଶକବର୍ଗଙ୍କ ନିମନ୍ତେ ସେ ନାଟକ ଲେଖିଥିଲେ । ବୌଦ୍ଧିକଗୋଷ୍ଠୀ ତାଙ୍କ ନାଟକଗୁଡ଼ିକୁ ସୁକ୍ଷ୍ମାତିସୁକ୍ଷ୍ମ ବିଶ୍ଳେଷଣ କରି ଯେପରି ଆନନ୍ଦଲାଭ କରିପାରୁଥିଲେ, ସାଧାରଣ ସ୍ତରର ମାନବଗୋଷ୍ଠୀ କରୁଣ, ହାସ୍ୟ, ଆଦି ରସବୋଧ କରି ଆନନ୍ଦ ପାଉଥିଲେ । ଯେଉଁ ସାହିତ୍ୟ ପାଠକଲେ ମନୁଷ୍ୟର ଚିତ୍ତବୃତ୍ତି ଉନ୍ନତ, ଗମ୍ଭୀର, ସମୁଦାର ଭାବରାଶିଦ୍ୱାରା ପ୍ରଭାବିତ ହୋଇ ନରତ୍ୱର ଅମରାଲୋକରଞ୍ଜିତ ହୁଏ ତାହା ପ୍ରକୃତ ସାହିତ୍ୟ । ମାନସିଂହଙ୍କ କାବ୍ୟ-ନାଟିକାମାନଙ୍କ ପ୍ରତି ଉକ୍ତ ବାଣୀ ପ୍ରଯୁଜ୍ୟ । 'ଦୁର୍ଭିକ୍ଷ' ର ନାୟକ ସନାତନର କରୁଣ ରସକର୍ଜର ମହାମାନବିକତା ସମ୍ପନ୍ନ ଦେବତ୍ୱ ନିକଟରେ ପାଠକ ସ୍ୱତଃ ନତ ମସ୍ତକ ହୁଏ ଓ ତାହା ଚକ୍ଷୁରୁ ସ୍ୱତଃ ଅଶ୍ରୁଧାରା ଝରିପଡ଼େ । ସେହିଠାରେହିଁ ନାଟ୍ୟକାରଙ୍କ ସାର୍ଥକତା ଦ୍ୟୋତକ ।

### ୪ - କାବ୍ୟ-ନାଟିକାର ମଞ୍ଚୋପଯୋଗୀତା:-

ମାନସିଂହଙ୍କ କାବ୍ୟ-ନାଟିକାଗୁଡ଼ିକର ମଞ୍ଚୋପଯୋଗୀତା ନେଇ ମନରେ ସ୍ୱତଃ ସନ୍ଦେହ ଜନ୍ମେ । ଏହାର କାରଣ ଖୋଜିପାଇବା ଅତି ସହଜ । ପ୍ରଥମତଃ ମାନସିଂହ ଜଣେ କବି । ନାଟକ ଲେଖିବା ସମୟରେ କବିତ୍ୱ ଭାବରେ ବିଭୋର ହୋଇ ମଞ୍ଚ ପ୍ରତି ଦୃଷ୍ଟି ଦେଇପାରି ନ ଥିଲେ । ତେଣୁ ସେଥିପାଇଁ ତାଙ୍କ ନାଟକଗୁଡ଼ିକ କେବଳ ପାଠ୍ୟନାଟ୍ୟ ହୋଇ ରହିଗଲା । ରଙ୍ଗମଞ୍ଚ ଓ ଅଭିନୟ ସମ୍ପର୍କରେ ସ୍ୱୟଂ ମାନସିଂହଙ୍କ ମତ ଗ୍ରହଣୀୟ :- "ରଙ୍ଗମଞ୍ଚ ବା ଅଭିନୟକାରୀମାନଙ୍କ ସହିତ ମୋର ଘନିଷ୍ଠତା କେବେ ନ ଥିଲା ବା ନାହିଁ । ନାଟକର ଗଳ୍ପ ଓ ନାଟକର ପରିବେଷଣରୀତି ସମସ୍ତ ହିଁ ମନେ ମନେ ଭାବି ଭାବି ଯାହା ଠିକ୍ ବୋଧ କଲି ତାହା କରି ଚାଲିଥିଲି ।" ........ (୨୪)

ନାଟ୍ୟକାର ହେମନ୍ତ ଦାସ ମଧ୍ୟ ମାନସିଂହଙ୍କ ନାଟିକାଗୁଡ଼ିକୁ ଲକ୍ଷ୍ୟ କରି କହିଛନ୍ତି :- " ରଙ୍ଗମଞ୍ଚକୁ ଆଗିରେ ରଖି ମାନସିଂହ ନାଟକ ଲେଖୁ ନ ଥିଲେ । ତେଣୁ ତାଙ୍କର ନାଟକଗୁଡ଼ିକ ଦୃଶ୍ୟକାବ୍ୟ ନୁହେଁ , କେବଳ ମାତ୍ର କାବ୍ୟ । ତଥାପି ୧୯୨୮ ମସିହାରୁ ୧୯୫୧ ମସିହା ପର୍ଯ୍ୟନ୍ତ ମାନସିଂହ ଯେ ନାଟକ ରଚନା କରିପାଇଛନ୍ତି, ଏତିକି କିଛି କମ୍ କଥା ନୁହେଁ ।"

........ (୨୫)

'ପୂଜାରିଣୀ', 'ଦୁର୍ଭିକ୍ଷ' ଓ 'ପୁଷ୍ପିତା' ମଞ୍ଚସ୍ଥ ହୋଇଥିବାର ମାନସିଂହ ଉଲ୍ଲେଖ କରିଛନ୍ତି । ମାତ୍ର ଏଗୁଡ଼ିକ କେତେଦୂର ସଫଳ ହୋଇଛି ସେ ବିଷୟରେ ସେ ନୀରବ । ମାତ୍ର ଆମକୁ ମନେ ରଖିବାକୁ ହେବ, ଏଗୁଡ଼ିକର ମଞ୍ଚୋପଯୋଗୀତା ଅପେକ୍ଷା ସାହିତ୍ୟିକ ମୂଲ୍ୟ ଅଧିକ । ଏଗୁଡ଼ିକରେ ତାଙ୍କର କବିତ୍ୱ ସ୍ପଷ୍ଟ ପ୍ରତିଫଳିତ ।

### ୫ - କାବ୍ୟ ନାଟିକାରେ ନାନ୍ଦନିକ ଦୃଷ୍ଟି ଭଙ୍ଗୀ:-

ନାଟ୍ୟକାରଙ୍କ ସୌନ୍ଦର୍ଯ୍ୟତତ୍ତ୍ୱ-ଭିତ୍ତିକ ସାହିତ୍ୟ ବିଚାରକୁ ନାନ୍ଦନିକ ଦୃଷ୍ଟିଭଙ୍ଗୀ ( **Aesthetic aptitude** ) କୁହାଯାଏ । ନନ୍ଦନତତ୍ତ୍ୱ କଳାଗତ ସୌନ୍ଦର୍ଯ୍ୟର ଦର୍ଶନସ୍ୱରୂପ । ଓଡ଼ିଆ ସାହିତ୍ୟରେ ନାନ୍ଦନିକତା ଉପରେ ଭାଷଣ ଦେଇ ସମାଲୋଚକ ସୁରେନ୍ଦ୍ର ମହାନ୍ତି କହିଛନ୍ତି :- "ସାହିତ୍ୟର ଆତ୍ମା ହେଉଛି ନାନ୍ଦନିକତା ।" ସାଧାରଣତଃ ଅଧିକାଂଶ ଲୋକେ କବିତାରେ ନାନ୍ଦନିକତାକୁ ଅନ୍ୱେଷଣ କରିଥାଆନ୍ତି, କାରଣ କବିତା ହେଉଛି ନାନ୍ଦନିକ ଅନୁଭୂତିର ଏକ ସାର୍ଥକ ମାଧ୍ୟମ । ମାନସିଂହ ଯେହେତୁ ପ୍ରଥମେ କବି ଓ ପରେ ନାଟ୍ୟକାର ତେଣୁ ତାଙ୍କ କାବ୍ୟ-ନାଟିକାମାନଙ୍କ ମଧ୍ୟରେ ନାନ୍ଦନିକତାକୁ ଖୋଜା ଯାଇପାରେ । ନାଟ୍ୟକାରଙ୍କ ଉପସ୍ଥାପନାଗତ କୌଶଳ ମଧ୍ୟରେ ସାଧାରଣତଃ ଏହାର ସ୍ଥିତି । ପ୍ରଫେସର ନରେନ୍ଦ୍ର ନାଥ ମିଶ୍ରଙ୍କ ମତରେ .

**"Theory of expressionism is the main source of Aesthetics."**

ତେଣୁ ଅଭିବ୍ୟକ୍ତିବାଦ ବା ସ୍ୱଚ୍ଛନ୍ଦବାଦହିଁ ନାନ୍ଦନିକତତ୍ତ୍ୱର ମୂଳ ଉପାଦାନ । ........ (୨୬)

ଡଃ ମାୟାଧର ମାନସିଂହଙ୍କ ନାଟକୀୟ ଉପସ୍ଥାପନାଗତ କୌଶଳ ମଧ୍ୟରେ ତାଙ୍କ ନାନ୍ଦନିକ ଭାବକୁ ଲକ୍ଷ୍ୟ କରାଯାଇପାରେ । 'ପୂଜାରିଣୀ' ନାଟିକାର ପ୍ରଥମ ଦୃଶ୍ୟରେ ଦେବତା ଓ ବ୍ରାହ୍ମଣ କନ୍ୟା ଲକ୍ଷ୍ମୀ ମଧ୍ୟରେ ପ୍ରେମର ପ୍ରାରମ୍ଭିକ ଅବସ୍ଥାରେ, ଲକ୍ଷ୍ମୀ ଯେତେବେଳେ ଦେବତାଙ୍କୁ ତାଙ୍କ ପ୍ରେମିକା ରାଧିକାଙ୍କ କଥା ପଚାରିଛନ୍ତି, ସେତେବେଳେ ଦେବତାଙ୍କ ଉତ୍ତର ଓ ଲକ୍ଷ୍ମୀଙ୍କ ଅଭିବ୍ୟକ୍ତି ମଧ୍ୟରେ ସୌନ୍ଦର୍ଯ୍ୟବୋଧ ଫୁଟି ଉଠିଛି, ଯେଉଁଥିରେ ନାଟ୍ୟକାରଙ୍କ ନାନ୍ଦନିକ ଦୃଷ୍ଟିଭଙ୍ଗୀର ପରିଚୟ ମିଳେ ଏହିପରି :-

"ଲକ୍ଷ୍ମୀ : କିନ୍ତୁ ପୀତବାସ, କାହାନ୍ତି ରାଧିକା ତବ ?
କାହିଁ ସେହି ରାସ ଶ୍ରଦ୍ଧାବତୀ
ଗୋପୀମେଳେ ?

ଦେବତା : ରାଧା ପ୍ରିୟତମା ଲକ୍ଷ୍ମୀ ରୂପେ —

ଲକ୍ଷ୍ମୀ : ଚାଟୁକଲେ ନାହିଁ କାଣ କ୍ଷମା !
ଯିବିଚାଲି ଗୃହେ ଫେରି !"

.... (୨୮)

ସେହିପରି 'ଦୁର୍ଭିକ୍ଷ', 'ପୁଷ୍ପିତା' ଆଦି ନାଟିକାଗୁଡ଼ିକ ଉପରେ ଗଭୀର ଦୃଷ୍ଟିଦେଲେ ସେଥିରେ ଥିବା ନାନ୍ଦନିକ ଅଭିବ୍ୟକ୍ତି ସ୍ପଷ୍ଟ ବୁଝାପଡ଼େ । ତେଣୁ ସାମଗ୍ରିକ ଭାବେ ଡଃ ମାନସିଂହଙ୍କ କାବ୍ୟ-ନାଟିକାବଳୀକୁ ବିଶ୍ଳେଷଣ କଲାପରେ ଜଣାପଡ଼େ ଯେ ଏକ କାବ୍ୟିକତାର ଉତ୍ତୁଙ୍ଗ ମୀନାରହିଁ ତାଙ୍କ ନାଟ୍ୟସଙ୍କେତ ।

ଶେଷ କଥା

ପଦ୍ମଶ୍ରୀ ଡଃ ମାୟାଧର ମାନସିଂହ ଜଣେ ନାଟ୍ୟକାରଭାବେ ସମ୍ମାନିତ ହେବାର ଆଶାରଖି ନାଟକ, କାବ୍ୟ-ନାଟିକା ଲେଖୁନଥିଲେ, ବରଂ ନିଜର ଅବଦମିତ କବିତ୍ୱକୁ ରୂପଦେବାପାଇଁ ଓ ଦର୍ଶକ ତଥା ପାଠକ ବର୍ଗଙ୍କୁ ଆନନ୍ଦ ପ୍ରଦାନ କରିବା ପାଇଁ ସେ ଏସବୁ ମହନୀୟ ସୃଷ୍ଟି ଗଢ଼ିଯାଇଥିଲେ । କବି-ନାଟ୍ୟକାରଙ୍କ କାବ୍ୟ-ନାଟିକାହିଁ ତାଙ୍କ ସୃଷ୍ଟିର ଏକ ଅମ୍ଳାନ ଭାସ୍କର । ତା ବିଷୟରେ ଏତିକି କହିଲେ ଯଥେଷ୍ଟ ହେବ ଯେ, କାବ୍ୟ-ନାଟିକାର ଅଭିନବତ୍ୱ ଏହି ଯେ ସେ ସୃଷ୍ଟିକରେ ଏପରି ଏକ ଉର୍ଦ୍ଧ୍ୱଲୋକ ଯାହାକୁ ସାଧାରଣ ନାଟକର ଭୂମି ପରିଧି ସହ ସମୀକରଣ କରା ନ ଯାଇପାରେ ।

ଗ୍ରନ୍ଥ - ସୂଚୀ


୧· 'ମାନସିଂହ ନାଟ୍ୟ ମାନସ' - ଅଧ୍ୟାପକ ଶ୍ରୀଚରଣ ମହାନ୍ତି 'ମାନସିଂହ ମାନସ' (ପ୍ରଥମ ଖଣ୍ଡ) - ପୃ· ୫୨, ପ୍ରଥମ ମୁଦ୍ରଣ - ୧୯୮୩

୨· 'ନବ ସଂସ୍କରଣରେ କିଞ୍ଚିତ୍ ବକ୍ତବ୍ୟ' - 'ମାନସିଂହ ଗ୍ରନ୍ଥାବଳୀ' (୨ୟ ଭାଗ) - ପୃ· ୫୨୧, ପ୍ରଥମ ସଂସ୍କରଣ - ୧୯୭୪

3. The Oxford Companion to the Theatre - Edited by Phyllir, Page 650, Hartnoll (4th Ed. New). Oxford University Press, 1983.

4. "The function of poetry in Drama" - Abercrombie Lascelles

5. The Poetry and Drama - Jones

୬· 'ଗୀତିନାଟ୍ୟ ଶିଳ୍ପ ଔର ବିବେଚନ' - ଡଃ ଶିବ ଶଙ୍କର କଟାଇ - ପୃ· ୧୪

୭· 'କାବ୍ୟ ନାଟ୍ୟ ଓ ରବୀନ୍ଦ୍ର ନାଥ' - ଆଦିତ୍ୟ ଓହ୍‌ଦେଦାର, 'ରବୀନ୍ଦ୍ର ସାହିତ୍ୟେର କୟେକ ଦିକ୍'- ପୃ· ୩

୮· 'ଗୀତିନାଟ୍ୟର କେତୋଟି ଚରିତ୍ର' - ଡଃ ନିତ୍ୟାନନ୍ଦ ଶତପଥୀ, 'ଆଧୁନିକ ଓଡ଼ିଆ ସାହିତ୍ୟ' - ପୃ· ୩୯, ପ୍ରଥମ ପ୍ରକାଶ - ସେପ୍ଟେମ୍ବର ୧୯୭୭

୯· 'ମାୟାଧର ମାନସିଂହ' - ରତ୍ନାକର ଚଇନି, 'ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ' (ଗବେଷଣା ନିବନ୍ଧ) - ପୃ· ୪୪୯, ଦ୍ୱିତୀୟ ପ୍ରକାଶ - ନଭେମ୍ବର ୧୯୮୪ ।

୧୦· 'ଗୀତିନାଟ୍ୟର କେତୋଟି ଚରିତ୍ର' - ଡଃ ନିତ୍ୟାନନ୍ଦ ଶତପଥୀ, 'ଆଧୁନିକ ଓଡ଼ିଆ ସାହିତ୍ୟ' - ପୃ· ୫୦, ପ୍ରଥମ ପ୍ରକାଶ - ସେପ୍ଟେମ୍ବର ୧୯୭୭

୧୧· 'ଓଡ଼ିଆ ଗୀତିନାଟ୍ୟ ଓ କବି ମାନସିଂହ' - ବିଜୟ କୁମାର ଚୌଧୁରୀ, 'ମାନସିଂହ ପରିକ୍ରମା' - ପୃ· ୧୬, ଓଡ଼ିଶା ପୂଜ୍ୟପୂଜା ସଂସଦ - ୧୯୭୯

୧୨· 'ମାୟାଧର ମାନସିଂହ' - ଡଃ ରତ୍ନାକର ଚଇନି,'ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ (ଗବେଷଣା ନିବନ୍ଧ) - ପୃ· ୪୪୮, ଦ୍ୱିତୀୟ ପ୍ରକାଶ - ନଭେମ୍ବର ୧୯୮୪

୧୩· 'ମାନସିଂହଙ୍କ ନାଟ୍ୟ ସାହିତ୍ୟ ଏକ ରସବାଦୀ ଅଧ୍ୟୟନ' - କଇଳାସ ପଟ୍ଟନାୟକ, 'ମାନସିଂହ ପରିକ୍ରମା' ଓଡ଼ିଶା ପୂଜ୍ୟପୂଜା ସଂସଦ, ୧୯୭୯

୧୪· 'ନଷ୍ଟନୀଡ଼' - ପଞ୍ଚମ ଅଙ୍କ, ତୃତୀୟ ଦୃଶ୍ୟ - 'ମାନସିଂହ ଗ୍ରନ୍ଥାବଳୀ' (୨ୟ ଭାଗ) - ପୃ· ୫୯୩, ପ୍ରଥମ ମୁଦ୍ରଣ - ୧୯୭୪

୧୫· 'ବାରବାଟୀ' - ପ୍ରଥମ ଅଙ୍କ, ଚତୁର୍ଥ ଦୃଶ୍ୟ - 'ମାନସିଂହ ଗ୍ରନ୍ଥାବଳୀ' (୨ୟ ଭାଗ) - ପୃ· ୭୨୧, ପ୍ରଥମ ମୁଦ୍ରଣ - ୧୯୭୪

୧୬· 'ପୂଜାରିଣୀ' - ନବ ସଂସ୍କରଣର ଭୂମିକା - 'ମାନସିଂହ ଗ୍ରନ୍ଥାବଳୀ' (୨ୟ ଭାଗ) ପୃ· ୪୭୧,ପ୍ରଥମ ସଂସ୍କରଣ - ୧୯୭୪

୧୭· 'ଦୁର୍ଭିକ୍ଷ' - ଭୂମିକା - 'ମାନସିଂହ ଗ୍ରନ୍ଥାବଳୀ' (୨ୟ ଭାଗ) - ପୃ· ୭୭୧, ପ୍ରଥମ ମୁଦ୍ରଣ - ୧୯୭୪

୧୮· 'ପୁଷ୍ପିତା' - ଦ୍ୱିତୀୟ ଦୃଶ୍ୟ - 'ମାନସିଂହ ଗ୍ରନ୍ଥାବଳୀ' (୨ୟ ଭାଗ) - ପୃ· ୪୩୯, ପ୍ରଥମ ମୁଦ୍ରଣ - ୧୯୭୪

୧୯· 'କାବ୍ୟନାଟ୍ୟ ଓ ରବୀନ୍ଦ୍ରନାଥ' - ଆଦିତ୍ୟ ଓହ୍ଦେଦାର, 'ରବୀନ୍ଦ୍ର ସାହିତ୍ୟର କୟେକ ଦିକ୍' - ପୃ· ୪

୨୦· 'ନୂତନ ନାଟ୍ୟଚିନ୍ତା' - ଡଃ ନୀଳାଦ୍ରୀଭୂଷଣ ହରିଚନ୍ଦନ , 'ନାଟକ ଲେଖାର କ, ଖ' - ପୃ· ୪୬, ପ୍ରଥମ ପ୍ରକାଶ - ୧୯୮୩

୨୧· 'ମାନସିଂହଙ୍କ ନାଟ୍ୟମାନସ' - ଶ୍ରୀଚରଣ ମହାନ୍ତି , 'ମାନସିଂହ ମାନସ - ପୃ· ୭୨, ୧୯୮୩

୨୨· 'ପୁଷ୍ପିତା' - ପ୍ରଥମ ଦୃଶ୍ୟ - 'ମାନସିଂହ ଗ୍ରନ୍ଥାବଳୀ' (୨ୟ ଭାଗ) - ପୃ· ୪୩୦, ପ୍ରଥମ ମୁଦ୍ରଣ - ୧୯୭୪

୨୩· 'ଓଡ଼ିଆ ଗୀତିନାଟ୍ୟ ଓ କବି ମାନସିଂହ' - ବିଜୟ କୁମାର ଚୌଧୁରୀ, 'ମାନସିଂହ ପରିକ୍ରମା' - ପୃ ୧୧୩, ଓଡ଼ିଶା ପୂଜ୍ୟପୂଜା ସଂସଦ, ୧୯୭୧

୨୪· 'ବୁଦ୍ଧଦୂତୀ' - ତୃତୀୟ ଦୃଶ୍ୟ - 'ମାନସିଂହ ଗ୍ରନ୍ଥାବଳୀ' (୨ୟ ଭାଗ) - ପୃ· ୮୨୮, ପ୍ରଥମ ମୁଦ୍ରଣ - ୧୯୭୪

୨୫· 'ନଷ୍ଟନୀଡ଼' - ନବସଂସ୍କରଣର ଭୂମିକା - 'ମାନସିଂହ ଗ୍ରନ୍ଥାବଳୀ' (୨ୟ ଭାଗ) - ପୃ· ୫୨୩, ପ୍ରଥମ ମୁଦ୍ରଣ - ୧୯୭୪

୨୬· 'ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା' - ଡଃ ହେମନ୍ତ ଦାସ, ପୃ· ୧୪୮, ପ୍ରଥମ ମୁଦ୍ରଣ - ୧୯୮୧

**27.** **Aesthetics** ଉପରେ ଏକ ସାକ୍ଷାତ ଆଲୋଚନା - ଆଲୋଚକ ପ୍ରଫେସର ନରେନ୍ଦ୍ର ନାଥ ମିଶ୍ର, ତାରିଖ ୨·୧୦·୧୯୮୬

୨୮· 'ପୂଜାରିଣୀ' - ପ୍ରଥମ ଦୃଶ୍ୟ - 'ମାନସିଂହ ଗ୍ରନ୍ଥାବଳୀ' (୨ୟ ଭାଗ) - ପୃ· ୪୨୮, ପ୍ରଥମ ମୁଦ୍ରଣ - ୧୯୭୪ ।


*Asis Kumar Rout is at the Department of Oriya Literature, Viswa Bharati, Shanti Niketan, W. Bengal.*

## ପଦେ ଅଧେ

ଆଧୁନିକ କବି ସଚ୍ଚୀ ରାଉତରାୟ, ଓଡ଼ିଆ ସାହିତ୍ୟ ଜଗତ ପ୍ରତି ତାଙ୍କ ଅବଦାନ ଯୋଗୁଁ ଭାରତର ପ୍ରସିଦ୍ଧ ଜ୍ଞାନପୀଠ ପୁରସ୍କାର ଲାଭ କଲେ ।

ଚଳିତ ବର୍ଷ ଆଞ୍ଚଳିକ ଭାଷାରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ଶ୍ରୀ ମନମୋହନ ମହାପାତ୍ରଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ନିଶୀଥ ସ୍ୱପ୍ନ' ପୁରସ୍କୃତ ହେଲା ।



*With Best Wishes and Compliments*

*to*

**OSA - Michigan Chapter**

*from*

**Ciba Pharmaceutical Co.**

*Manufacturers of*

TRANSDERM NITRO, SLOW - K

CIBA

*Congratulations and best Wishes*

to

*OSA - Michigan Chapter*

*from your friends at*

**Glaxo**

**Glaxo Inc.**

**Research Triangle, North Carolina.**

# About the Journal

Even as a crisis of fission faces the Orissa Society of America, the journal continues to mark major milestones. The Spring 1988 issue was a landmark in the sense that for the first time there was no handwritten Oriya article or poem. For us technological types, it is progress. For many others, including ourselves at moments of self doubt, it is a regression. The beautiful individualistic handwriting that gave a flavour and characteristic to the Journal is giving way to uniform computer generated text. It is, as they say, two steps forward and one step back.

The present issue of the Journal is another landmark, in the history of Oriya publishing anywhere. (Readers will please forgive us our extravagant praise of ourself; but then who among us is immune from looking in the mirror?). The English part of the magazine has been typeset in a digital version of the well known Palatino typeface and output on a laser printer. The Oriya poems are set in *Sebati*, printed on a dot matrix printer and then xerographically reduced to 75% of the original size. This is necessary because of the poorer resolution of the impact printers. The Oriya prose has been set in *Odissi* and then undergo a similar process. However, one Oriya article has been produced on the laser printer. We leave as a challenge to the interested reader to spot the article.

Simultaneous with the improvement in technology the literary standard of the Journal has been improving. We are thankful to the many new and established writers who have continued to contribute poems and articles over the years. But our pride and joy are the refreshingly young home grown (i.e. in North America) poets, who write in English.

Perhaps the most remarkable change is in the large proportion of Oriya articles. In this issue about equal number of pages are devoted to both languages. Theoretically, we should be able to type English and Oriya at about the same pace. In practice there are difficulties. There are now about 150 printable Oriya characters in every font. Many of them are in Upper Case locations, requiring frequent shift operations. Remeber that UC letters are used relatively infrequently in English. In addition, many other characters are available only through the ASCII codes. Overall, the effort of typing a page of Oriya is double that of typing a page of English. The difficulties is axacerbated by the fact that all Oriya contributions come as handwritten manuscripts, requiring considerably more effort to decipher. In addtion, we do not have reference texts such as Oriya dictionaries to resolve points of grammar, usage or spelling.

This year a large number of excellent articles have been assembled by Bijoy Mohan Misra and Mahesh Pati, for the Souvenir of the aborted convention that was to be held in the New England area. We are grateful to both for permitting us to publish the articles. A number of authors were assured that their contributions would appear in this issue. Due to limitations of time and space, and our own inexperience, not all the assurances could be honoured. Our apologies. Future issues will carry the contributions.



# Letters

There were several ommissions in the report of the Southern Chapter Activities in the Fall, 1987 issue of JOSA. It was reported that the local ladies had a break from cooking for the first time in the history of the chapter. As a matter of fact they supplemented the catered food with delicious home cooked dishes. In addition to the artists mentioned in the report, new and youthful talents such as Smita Mohanty, Saroj Mohapatra, Ripa Patnaik, Simu Mishra, Sangeeta Satapathy, Gopal Mukherjee and Tonmoy Mukherjee also performed. Prabodh Mishra arranged and managed the P.A. system for the cultural show.

We hope that in the future the Journal will feature interesting as well as accurate reports of chapter activities.

*Paresh Nayak*
*Gyana R. Patnaik*
*Arjyendu K. Nayak*
*Lalendu K. Patnaik*

The donations from the OSA for short term drought relief have been given with good intentions, but the road to hell is saved with good intentions. I suggest that OSA should seriously look towards long range goals as a more beneficial method of helping those in Orissa. The symptoms of a forthcoming drought and famine can be seen up to 5 years in advance of its actual occurence. The relief aid given by various charitable and governmental agencies during the crisis serves only to temporarily alleviate the situation . A case in point is the Ethiopian cycle of famine/-prosperity. Attention to the situation is only given when the actual crisis occurs, not in preventive measures. An offshoot of drought and famine in developing nations is that the birthrate increases after the crisis, taxing available resources even more - poor families must have many children to work land and bring in enough income to survive, so they must replace those lost. I suggest that OSA would be much more useful if, in the future, we look towards longterm development such as irrigation, improved agricultural strains, education and birthcontrol instead of limited shortterm alleviation of suffering.

*Leena Mansinha*

*Leena Mansinha is an undergraduate in Genetics at the University of Western Ontario, London, Canada.*

**Searle Pharmaceuticals Inc.**

Makers of

CALAN SR and NITRO DISC

Congratulates
The OSA - Michigan Chapter
on their hosting the
The 19th Annual Convention.

*Sunil Mathur*

**Pfizer Laboratories**
Manufacturers of

Procardia, Feldene, Minipress

Wishes to thank
OSA Michigan Chapter
for their support and patronage

Pfizer

# OSA MEMBERSHIP ROSTER

## PATRONS

1. Mamata and Kirtan Behera 2. Lata and Saradindu Misra
3. Minati and Manaranjan Pattanayak 4. Snehalat and Bibekananda Satpathy
5. Menaka and Jagat Mohan Subudhi

## LIFE MEMBERS

1. Bidyulata & Sadananda Barik
2. Nivedita & Anup Behera
3. Sanghamitra & Bailochan Behera
4. Sunity & Saroj Behera
5. Pravati & Madan Biswal
6. Annapurna & Nilamaber Biswal
7. Pramila & Jagdish Chetty
8. Swarna & Harlal Choudhury
9. Basanti & Artatrana Dash
10. Nalini & Asoka Das
11. Pratima & Bijoy Das
12. Nameeta & Chittaranjan Das
13. Katherine & Debendra Nath Das
14. Swetapadma & Jnana R. Dash
15. Basanti & Krushna Mohan Das
16. Trupti & Madhab Dash
17. Mihir Dash
18. Puspa & Pratap Das
19. Sulekha & Santosh Das
20. Sumitra & Sarat Dash
21. Kalpana & Sita Kantha Dash
22. Nirmala & Somnath Dash
23. Kalyani & Umakanta Dash
24. Pankajini & Nitin Doshi
25. Santi & Saroj K. Dubey
26. Bidyut & Keshab K. Dwivedy
27. Charu Hota
28. Jyotsna & Ajoy Joshi
29. Prabha & Bishnu Joshi
30. Dolly & Jatindra Kanungo
31. Anu & Kalpataru Kanungo
32. Sasmita & Nihar Kanungo
33. Minati & Rabindra Kanungo
34. Rita & Gitimoy Kar
35. Jayashree & Rudra N. Kar
36. Padmini & Kamalakanta Khuntia
37. Ballari & Natabara Khuntia
38. Anoo & Deba Mallick
39. Sakuntala & Duryodhan Mangaraj
40. Lalu Mansinha
41. Sikha & Arun Mishra
42. Bhabagrahi Mishra
43. Pravati & Bijoy Mishra
44. Subarna & Bijoy Mohan Misra
45. Manju & Brajendranath Mishra
46. Sarojini & Devi Mishra
47. Jotsna & Digmabar Mishra
48. Manorama & Ghanasyama Mishra
49. Manju & Hara Mishra
50. Suprabha & Kailash Mishra
51. Kali C. Mishra
52. Geeta & Kula Mishra
53. Niranjan Mishra
54. Niharbala & Nityananda Mishra
55. Dharitri & Prafulla Mishra
56. Gita & Radhakanta Mishra
57. Anjali & Ramesh Mishra
58. Bunu & Ranganath Mishra
59. Bijayalakshmi & Sarat Mishra
60. Bijayalaxmi & Satyabrata Misra
61. Kalyani & Sudarsan Mishra
62. Chandra & Sudhansu Misra
63. Tiki & Surya Mishra
64. Shantilata & Umaballava Mishra
65. Nita & Ajoy Mohanty
66. Akshaya Mohanty
67. Saratkumari & Amiya Mohanty
68. Carol & Bijoy K. Mahanti
69. Sanjukta & Bimal K. Mahanti
70. Rita & Chandrasekhar Mohanty
71. Himansu S. Mohanty
72. Sulochana & Jayagopal Mohanty
73. Dolly & Nirod Mohanty
74. Laxmi & Promod Mohanty
75. Shantimayee & Sri Gopal Mohanty
76. Kalpana & Subash Chandra Mohanty
77. Jayanti & Bijay Mahapatra

78. Renu & Chitta Mohapatra
79. Kasturi & Deba Mohapatra
80. Nirupama & Subash Mohapatra
81. Deepa & Hazari Muduli
82. Leena & Arun Nanda
83. Antarjyami Nayak
84. Priya & Manmatha Naik
85. Kalyani & Budhinath Padhy
86. Sumitra & Hara Padhi
87. Rajalaxmi & Prafulla Padhi
88. Sipra & Binayak Panda
89. Premalata & Shiba P. Panda
90. Janaki & Mrutyunjaya Pani
91. Prabha & Dibakar Panigrahi
92. Anuradha & Godavarish Panigrahi
93. Shaila & Prafulla Panigrahi
94. Salila & Hrushikesh Parida
95. Abhay Kumar Pati
96. Nivedita & Mahesh Pati
97. Lakshmi & Umasankar Paty
98. Kavita & Amiya Patnaik
99. Mary Ann & Anil Pattanayak
100. Navanita & Birendra Patnaik
101. Chinmayee & Hare K. Patnaik
102. Krishna & J.R. Patnaik
103. Sabita & Ladukesh Patnaik
104. Ira & Pradipta Patnaik
105. Kautuki & Prakash Patnaik
106. Monjula & Prasanta Patnaik
107. Purnima & Pratap Pattanaik
108. Jeetu & Promod Patnaik
109. Anupama & Promode Patnaik
110. Gopa & Purna Patnaik
111. Sudha & Ramprasad Patnaik
112. Anjalika & Surya Pattanaik
113. Indira & Pradip Patro
114. Padmini & Arjun Purohit
115. Ashima & Ramesh Raichoudhury
116. Chandra & Prasant Raj
117. Pat & Dasarathi Ram
118. Vasanta & Kodukula Amruth Rao
119. Bidyut Rath
120. Jogeswar Rath
121. Mihir Kanti Rath
122. Yvonne & Sudarsan Ray
123. Sukanti & Surendra Ray
124. Puspalakshmi & Bhagabat Sahu
125. Sukanti & Dilliswar Sahoo
126. Nirupama & Kasinath Sahoo
127. Saudamini & Maheswar Sahoo
128. Ramsaran Sahu
129. Krishna & Saheb Sahu
130. Jayashree & Babru Bahan Samal
131. Baruni & Prasanna Samal
132. Meenakshi & Prasanna Samantray
133. Annapurna & Dilip Satpathy
134. Sashikala & Panchanan Satpathy
135. Namita & Sashi Satpathy
136. Swarna & Hemant Senapati
137. Basanti & Satya Babuli Shaw
138. Shantilata & Manmohan Subudhi
139. Manoj Subudhi
140. Rajendra Supkar
141. Braja K. Swain
142. Asha & Pradip Kumar Swain
143. Rita & Ghana S. Tripathy
144. Indira J. Tripathy
145. Frances & Thomas Wolf

**Crane Financial Management** announces the alliance of their offices with those of **Pattaniak and Shaw Associates.**

Crane Financial Management can provide you with Comprehensive Planning Services in the following areas:

- **Financial Planning**
- **Income Tax Planning**
- **Pension Planning**
- **Estate Planning**
- **Business Planning**
- **Fringe Benefit Planning**
- **Insurance Planning**
- **Investment Planning**

Let the team of Pattaniak and Shaw Associates and Crane Financial Management assist you in all your Financial Planning needs.

*For further information contact:*

**Ladukesh Pattanaik**
PSA Financial Group, Inc.
25 W. Long Lake Road, Ste. 203
Bloomfield Hills, MI 48013
In State (313) 647-0850
Out State (800) 525-7464

**Randall Letcavage**
**Benjamin Drummer**
18000 Mack Ave.
Grosse Pointe, MI 48224
(313) 884-5353

# The Orissa Society of America

***expresses appreciation and gratitude***

***to our patrons for their support and***

***advertisements for the Special Issue of the***

***Journal of the Orissa Society of America***

***on the occasion of the 19th Annual Convention.***

*Nitin C. Doshi*
*Natabara Khuntia*
*Saradindu Misra*
*Ladukesh Pattanaik*
*Manaranjan Pattanayak*



DIRECTORY

**Binayaka Acharya**
535 Mount Prospect Ave #2
Newark NJ 07104
**201/484-8741**

**Kamal Acharya**
2058 Eucalyptus Ct
Santa Clara CA 95050
**408/241-8499**

**Sarbeswar & Tara Acharya**
*Prabhat Arun Arvon*
11509 Nevis Drive
Beltsville MD 20705
**301/937-3544**

**Sumanta Acharya**
1743 Starboard Dr #3
Baton Rouge LA 70820
**504/767-0120**

**Suresh & Rashmi Acharya**
326 Glen Park Drive
Nashville TN 37217
**615/361-0035**

**Surya Narayan & Manju Acharya**
4330 - 54 Avenue
Vegreville Alt T0B 4L0 Canada

**Jugal Agarwal**
8455 NE Spring Lake Road
Minneapolis MN 55414

**Nanakram Agarwal**
75 Castle Road
Chappaqua NY 10514
**914/238-4368**

**Om & Hema Agarwal**
*Anjali*
3055 Rollingwood Court
San Jose CA 95148
**408/274-0810**

**Pradip Agarwal**
460 W Forest #901
Detroit MI 48201

**Joy P. Agarwala**
Dept Chem Engg
Univ of Colorado
Boulder CO 80309
**303/444-8068**

**Raju Ahmed**
230 N. Michigan Ave
Chicago IL 60601
**312/726-2668**

**Stan Ahmed**
3950 N. Lakeshore Drive
Chicago IL 60613
**312/929-7903**

**Badrul Alam**
109 Harvard Place
Ithaca NY 14850

**David & Mamata Anderson**
22 Blossom Dr
Robinson PA 19551
**215/693-5937**

**L. & Suzanne Bahinipaty**
*Rajeeb Keeran*
2517 El Camino Del Norte
Unit 3
Olivenhain CA 92024

**Chittaranjan Baral**
1804 Metzerott Road #401
Adelphia MD 20783
**301/439-8230**

**Suresh & Bidyutlata Baral**
330 Wilson #78
Albany CA 94710
**415/524-7255**

**Smriti Bardhan**
2006 Broadway #104
Nashville TN 37203
**615/320-0474**

**Devananda Barik**
1520 Ocean Avenue #F-2
Brooklyn NY 11230

**Gangadhar Barik**
248 Pearl St. # 2RR
Springfield MA 01105

**Sadananda & Bidyulata Barik**
*Banani Ashima*
3 Bernard Place
Princeton Junction NJ 08550
**609/275-5660**

**Sebananda Barik**
2114 Caton Avenue #3B
Brooklyn NY 11226
**212/856-5229**

**Sudhakara & Dharashri Barik**
*Santwana Sambit*
3324 Woodburn Vil Dr #13
Annandale VA 22003
**703/641-0822**

**Addison Barman**
35-42 161 Street
Flushing NY 11358

**Deepak Basa**
Physics:City Coll:CUNY
137th & Convent Ave
New York NY 10031
**212/316-2066**

**Gayatri Bastia**
49 Riverboat Village
South Hadley MA
**413/533-7355**

**Alam Mohamad Bdrool**
Dept of Govt
Cornell Univ
Ithaca NY 14853
**607/273-7356**

**Anup & Nivedita Behera**
1093 Augustana
Naperville IL 60565

**Ballochan & Sanghamitra Behera**
28490 Franklin Riv Dr#106
Southfield MI 48034
**313/350-2078**

**Debendra Behera**
1871 Heather Hills Drive
Burlington Ont Canada
**416/639-4627**

**Kirttan & Mamata Behera**
*Sharina Sahana Rajiv*
2306 Santa Fe Avenue
Torrance CA 90501
**213/328-9892**

**Saroj & Sunity Behera**
*Sanjiv*
17510 Via Sereno
Monte-Sereno CA 95030
**408/395-1237**

**Tikam Behera**
2306 Santa Fe Ave
Torrance CA 90501
**213/734-7726**

**Abasar & Trupti Beuria**
*Yuki Kunia*
171 East 84th St.#11-C
New York NY 10028
**212/879-2127**

**Bijoy & Janet Bhuyan**
*Shanti Leela*
6907 S. 12th Street
Kalamazoo MI 49002
**616/375-2821**

**Jayanarayan Bhuyan**
208 Pontalba Dr
Lafayette LA 70503
**318/984-7410**

**Laxminarayan & Sakuntala Bhuyan**
*Jagat*
208 Pontalba Drive
Lafayette LA 70503
**318/984-7410**

**J. C. Biswal**
15 Eros Crt.
Wyne NJ 07470

**Madan & Pravati Biswal**
*Sibani Lisa Babi*
1653 Cambria Place
Escondido CA 92025
**619/746-6009**

**Nilamaber & Annapurna Biswal**
*Sandip Subrat Subrina*
9704 Kerrigan Court
Randallstown MD 21133
**301/655-6298**

**Sidhartha Biswal**
P.O. 7991
University AL 35486
**205/758-7328**

**Neeti Bohidar**
1530 Bridal Path
Landsdale PA 19446

**Devjyoti & Smee Chatterjee**
*Ananya Kooheli Miabi*
20 Branko Rd
Berkley Hts NJ 07922
**201/322-1938**

**Pranab & Kaajal Chatterjee**
3224 Maryland Avenue N.
Crystal MN 55427
**612/535-1299**

**Jagdish & Pramila Chetty**
*Rajgopal Sunil*
17803 Azucar Way
San Diego CA 92127
**619/485-6387**

**Anil Chowdhury**
1520 Hamilton Place
Dorval Que H9S 1H2 Canada

**B. & Sarojini Chowdhury**
160 Redwood Crescent
Williamsville NY 14221

**Harlal & Swarna Choudhury**
*Ranjan Rosi*
600 Meadowmar Lane
Cincinnati OH 45230
**513/232-2343**

**Prabhat Choudhury**
Box 2790
University MS 38677
**601/236-4682**

**Sajal & Lynn Choudhury**
4700 Pickering
Birmingham MI 48010
**313/851-0477**

**Udaya Nath Choudhury**
208 Pontalba Dr
Lafayette LA 70503
**318/984-7410**

**Ajay Kumar Dalai**
Dept. of Chemical Engg.
Univ.of Saskatoon
Saskatoon Sas Canada
**306/477-0984**

**Barun Dandpat**
111 Robinwood Way
Wayne NJ 07470

**Ajit Das**
5 Farm Road
Randolf NJ 07869

**Akhaya & Rini Das**
P.O.B. 487
VA Medical Center
Castle Point NY 12511
**914/831-0418**

**Alekh & Smita Das**
*Devlina*
1164 Fifield Ave #S-2
St. Paul MN 55108
**612/644-3157**

**Amiya & Ranjeeta Das**
*Babita Sumita*
833 Ridgewood Drive
Mechanicsburg PA 17055
**717/732-0528**

**Anindya Das**
Dept. of Computer Science
Concordia University
Montreal Que H3G 1M8 Canada

**Annada & Sanjukta Das**
*Ivis Yasodhara*
70 Pinewood Drive
Manhasset NY 11030
**516/365-8654**

**Anup & Kasturi Das**
82 Baughn Ave
New Rochelle NY 10801
**914/686-8666**

**Artatrana & Basanti Dash**
*Bapi Bubli*
57 Woodland Glen Dr
Guelph Ont N1G 3S3 Canada
**519/837-2922**

**Ashok Das**
Dept. of Physics
Univ. of Rochester
Rochester NY

**Asoka & Nalini Das**
*Auro Meera*
4020 Dundas Street W.#77
Toronto Ont M6S 4W6 Canada
**416/766-8796**

**Bhabesh & Asha Dash**
*Rama Rajesh*
1490 Golden Bell Court
Downers Grove IL 60515
**312/960-0428**

**Bhanu Pratap & Smita Das**
500W Prospect #29J
Fort Collins CO 80526
**303/491-8178**

**Bibhuti & Kumudini Dash**
*Nigam*
42 Provence Trail
Etobicoke Ont M9V 5A4 Canada
**416/742-4961**

**Bidyut Das**
425 East 25th St
Manhattan NY 10010

**Bijoy & Pratima Das**
*Parthavi Barnali*
5 Bainbridge Drive
Charleston SC 29407
**803/766-9996**

**Binod & Nilima Dash**
*Jilie*
131 Wescott Drive
Pittsburg PA 15237
**412/367-4307**

**Chittaranjan & Nameeta Das**
*Papun*
Dept. of Elec.Eng
Penn State Univ
University Park PA 16802
**814/237-6362**

**Debendra Nath & Katherine Das**
*Sumit*
4345 York Ave
Fairbanks AK 99709
**907/479-0776**

**Deva Dutta Das**
2041 Euclid St, # 3
Los Angeles CA 40066
**213/390-3042**

**Dhiren & Lipi Das**
*Debidutta Abhinab*
111 Robinhood Way
Wayne NJ 07470
**201/633-9597**

**Dines & Renu Das**
102 Das Ct.
Kissimee FL 32743
**305/847-7042**

**Gautam Das**
4017 San Luis
Newbury Park CA 91320
**805/373-7420**

**Gouri & Chinmoyee Das**
*Snigdha Smita*
2783 Fourth Plain Court
San Jose CA 95121
**408/238-8529**

**Jagannath Prasad & Gita Das**
*Silu Shila*
11724 - 38A Avenue
Edmonton Alt Canada
**403/435-6194**

**Jagdish & Tina Das**
14 Volino Drive
Poughkeepsie NY 12603
**914/462-7110**

**Jnana R. & Swetapadma Dash**
*Somesh Suchit*
2785 Hayloft Way
Morgan Hill CA 95037
**408/778-0225**

**Jyotirmaya Das**
6300 Stevenson Ave # 319
Alexandria VA 22304
**703/370-7681**

**Khirod & Dayabati Das**
11771 Rexmoor Drive
Richmond VA 23235

**Krushna Mohan & Basanti Das**
70 Pinewood Road
Manhasset NY 11030
**516/365-8654**

**Madhab & Trupti Dash**
*Sangita Sudesh*
873 Fams Court
East Meadow NY 11554
**516/481-2885**

**Manas & Lynn Das**
48 Seek Ct.
Silver Spring MD 20912
